Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୧୯
Volum. - 22 ■ Issue No.- 19
Sunday ■ Balangir
ରବିବାର ■ ବଲାଙ୍ଗିର

KOSHALA PRABAHA
କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 / ୦୩ ଏପ୍ରିଲ - ୦୯ ଏପ୍ରିଲ ୨୦୨୨ / 03 April - 09 April. 2022 / Odia Weekly / 8 Pages / Rs.2/- only

# ବଲାଙ୍ଗିରରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ଓ ଦେଶାତ୍ମବୋଧକ ସଂଗୀତ କାର୍ଯ୍ୟକ୍ରମ 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠିତ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ସମାରୋହ ଏବଂ ଦେଶାତ୍ମବୋଧକ ସଂଗୀତ କାର୍ଯ୍ୟକ୍ରମ 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ପୂର୍ବାହ୍ନରେ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଥିଲା । ଜିଲ୍ଲାପାଳ ଚଂଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଉପଜିଲ୍ଲାପାଳ ଲମ୍ବୋଦର





ଧରୁଆ, ସୂଚନା ଓ ଲୋକସଂପର୍କ ବିଭାଗ ଉପ-ନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ନୀଳମଣି ମିଶ୍ର, ବିଷ୍ଣୁ ପ୍ରସାଦ କେଡ଼ିଆଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତ ରହି ମାଲ୍ୟାର୍ପଣ କରି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ସଂଧ୍ୟାରେ ସ୍ଥାନୀୟ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ଦିବସର ମୁଖ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, ବଲାଙ୍ଗିର ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ, ମୁଖ୍ୟବକ୍ତା ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଶା ବିଭାଗ ପ୍ରାଧ୍ୟାପକ ଡ. ବଳଭଦ୍ର ଦାଶ ଯୋଗ ଦେଇଥିଲେ । ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଅତିଥି ଗଣ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଂଜଳି ଜ୍ଞାପନ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଶାର ମହାନ ପୂର୍ବସୂରୀମାନେ ଯେଉଁ ନିଃସ୍ୱାର୍ଥପର ତ୍ୟାଗ ଏବଂ ଉଦ୍ୟମ କରିଥିଲେ ସେମାନଙ୍କ ସ୍ମୃତିଚାରଣ କରି ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୃଷ୍ଠଭୂମି ସଂପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ସୁରକ୍ଷା ଦିଗରେ ସମସ୍ତେ ଚେଷ୍ଟିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଓଡ଼ିଶା ବକ୍ତୃତା ଓ ଉତ୍କଳ ବନ୍ଦନା ଗାନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରେ ସ୍ୱର ଝଙ୍କାର ବଲାଙ୍ଗିର ଦ୍ୱାରା ପ୍ରାରମ୍ଭିକ ସଂଗୀନ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଏହି ସଭାକୁ ସୂଚନା ଓ ଲୋକ ସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଂଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେ଼ମୀ ଓ ଜିଲ୍ଲା ସଂସ୍କୃତି ପରିଷଦ ବଲାଙ୍ଗିର ସହଯୋଗରେ କାର୍ଯ୍ୟକ୍ରମ ସଂଯୋଜକ ସ୍ୱର ଝଙ୍କାର ଅନୁଷ୍ଠାନ ଦ୍ୱାରା ଦେଶାତ୍ମବୋଧକ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଚୟନ ହୋଇଥିବା ୧୨ଗୋଟି ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ୱର ଝଙ୍କାର ଅନୁଷ୍ଠାନର ନର୍ଦ୍ଦେଶକ ନିରଂଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।










DADLS-78
OIPR-15001/13/0135/2122

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରେଡିଓ ଅଭିଭାଷଣ 'ମନ୍ କି ବାତ୍'(୮୭ତମ ଅଧ୍ୟାୟ)ର ଓଡିଆ ଭାଷାନ୍ତର

## ଓଡିଶାର ପୁରୀ ନିବାସୀ ସ୍ୱେଚ୍ଛାଗ୍ରହୀ ରାହୁଲ ମହାରଣାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା




ନୂଆଦିଲ୍ଲୀ, (ପିଆଇବି) :

ମୋର ପ୍ରିୟ ଦେଶବାସୀଗଣ, ନମସ୍କାର । ଗତ ସପ୍ତାହରେ ଆମେ ଏଭଳି ଗୋଟିଏ ଉପଲବ୍ଧି ହାସଲ କଲୁ, ଯାହା ଆମ ସମସ୍ତଙ୍କୁ ଗର୍ବରେ ପରିପୂର୍ଣ୍ଣ କରିଦେଲା । ଆପଣ ଶୁଣିଥିବେ ଯେ, ଭାରତ ଗତ ସପ୍ତାହରେ ୪୦୦ ବିଲିୟନ୍, ଅର୍ଥାତ, ୩୦ ଲକ୍ଷ କୋଟି ଟଙ୍କାର ରପ୍ତାନୀ ଲକ୍ଷ୍ୟ ହାସଲ କରିଛି । ପ୍ରଥମ ଦୃଷ୍ଟିରେ ଏହା ଅର୍ଥନୀତି ସହ ଜଡିତ ଖବର ପରି ମନେହୁଏ, କିନ୍ତୁ ଏହା ଅର୍ଥନୀତିଠାରୁ ବଳି ଭାରତର ସାମର୍ଥ୍ୟ, ଭାରତର ଦକ୍ଷତା ସହ ଜଡିତ । ଏକଦା ଭାରତରୁ ରପ୍ତାନୀ କାରବାର ୧୦୦ ବିଲିୟନ, ଦେଢ଼ ଶହ ବିଲିୟନ ଆଉ ବେଳେବେଳେ ୨୦୦ ବିଲିୟନ ପର୍ଯ୍ୟନ୍ତ ହେଉଥିଲା । ଆଜି ଭାରତ ୪୦୦ ବିଲିୟନ ଡଲାର ଯାଏଁ ପହଂଚିଯାଇଛି । ଏହାର ଗୋଟିଏ ଅର୍ଥ ହେଲା ଯେ, ସାରା ବିଶ୍ୱରେ ଭାରତରେ ନିର୍ମିତ ଦ୍ରବ୍ୟଗୁଡିକର ଚାହିଦା ବଢ଼ିଚାଲିଛି । ଅନ୍ୟ ଅର୍ଥଟି ହେଲା, ଭାରତର ସପ୍ଲାଏ ଚେନ୍ ଦିନକୁ ଦିନ ଆହୁରି ସୁଦୃଢ଼ ହୋଇଚାଲିଛି ଏବଂ ଏହାର ଆଉ ଗୋଟିଏ ବହୁତ ବଡ ବାର୍ତ୍ତା ମଧ୍ୟ ରହିଛି । ଦେଶ ସେତିକିବେଳ ବିରାଟ ପଦକ୍ଷେପ ଗ୍ରହଣ କରେ, ଯେତେବେଳେ ସଂକଳ୍ପ ସ୍ୱପ୍ନଠାରୁ ବିଶାଳ ହୋଇଥାଏ । ସେହି ସଂକଳ୍ପକୁ ନେଇ ଯେତେବେଳେ ରାତିଦିନ ନିଷ୍ଠାର ସହିତ ଉଦ୍ୟମ କରାଯାଇଥାଏ, ସେତେବେଳେ ସେହି ସଂକଳ୍ପ ସାକାର ମଧ୍ୟ ହୋଇଥାଏ । ଆପଣ ଲକ୍ଷ୍ୟ କରିଥିବେ ଯେ ବ୍ୟକ୍ତିର ଜୀବନରେ ମଧ୍ୟ ଏହା ହିଁ ଘଟିଥାଏ । ଯଦି ଜଣକର ସଂକଳ୍ପ, ତା'ର ପ୍ରଚେଷ୍ଟା, ତା'ର ସ୍ୱପ୍ନ ଠାରୁ ବି ବଡ ହୋଇଯାଏ, ତାହେଲେ ସଫଳତା ସ୍ୱୟଂ ତା' ପାଖକୁ ଚାଲିଆସେ ।

ବନ୍ଧୁଗଣ, ଦେଶର କୋଣ-ଅନୁକୋଣରୁ ନୂଆ ନୂଆ ଉତ୍ପାଦ ବିଦେଶକୁ ରପ୍ତାନୀ ହେଉଛି । ଆସାମର ହଇଲାକାଣ୍ଡିର ଚମଡା ନିର୍ମିତ ବସ୍ତୁଗୁଡିକ ହେଉ କି ଉସ୍ମାନାବାଦର ହସ୍ତତନ୍ତ ସାମଗ୍ରୀ, ବିଜାପୁରର ଫଳ ଓ ପନିପରିବା ହେଉ ବା ଚାନ୍ଦୋଲିର କଳା ଚାଉଳ – ଏସବୁର ରପ୍ତାନୀ ବୃଦ୍ଧି ପାଇଚାଲିଛି । ଏବେ ଆପଣଙ୍କୁ ଲଦ୍ଦାଖର ବିଶ୍ୱପ୍ରସିଦ୍ଧ ଆପ୍ରିକଟ୍ ଦୁବାଇରେ ବି ମିଳିବ, ଆଉ ସାଉଦି ଆରବରେ ତାମିଲନାଡୁରୁ ପଠାଯାଇଥିବା କଦଳୀ ମିଳିବ । ଏବେ ସବୁଠାରୁ ବଡ କଥା ହେଲା ଯେ, ନୂଆ ନୂଆ ଦ୍ରବ୍ୟ ନୂଆ ନୂଆ ଦେଶମାନଙ୍କୁ ପଠାଯାଉଛି । ଯେମିତିକି ହିମାଚଳ, ଉତ୍ତରାଖଣ୍ଡରେ ମିଲେଟ୍ ପ୍ରଥମ ପର୍ଯ୍ୟାୟରେ ଡେନମାର୍କକୁ ରପ୍ତାନୀ କରାଯାଇଛି । ଆନ୍ଧ୍ରପ୍ରଦେଶର କୃଷ୍ଣା ଓ ଚିତୁର ଜିଲ୍ଲାର ବାଇଗଣପଲି ଓ ସୁବର୍ଣ୍ଣରେଖା ଆମ୍ବ ଦକ୍ଷିଣ କୋରିଆକୁ ରପ୍ତାନୀ କରାଯାଇଛି । ତ୍ରିପୁରାରୁ ତାଜା ପଣସ, ବାୟୁମାର୍ଗରେ ଲଣ୍ଡନ ରପ୍ତାନୀ କରାଯାଇଛି । ଏସବୁକୁ ଛାଡିଦେଲେ ନାଗାଲାଣ୍ଡର ରାଜାଲଙ୍କା ମଧ୍ୟ ଲଣ୍ଡନ ପଠାଯାଇଛି । ସେହିଭଳି ଭାଲିଆ ଗହମର ପ୍ରଥମ ଖେପ ଗୁଜରାଟରୁ କେନିଆ ଓ ଶ୍ରୀଲଙ୍କା ରପ୍ତାନୀ କରାଯାଇଛି । ମାନେ ଏବେ ଆପଣ ଅନ୍ୟ ଦେଶମାନଙ୍କୁ ଗଲେ, ଏବେ ସେଠାରେ ମେଡ୍ ଇନ୍ ଇଣ୍ଡିଆ ପ୍ରଡକ୍ଟ ପୂର୍ବାପେକ୍ଷା ବହୁଳ ମାତ୍ରାରେ ଦେଖାଯିବ ।

ବନ୍ଧୁଗଣ, ଏହି ସୂଚୀ ବହୁତ ଲମ୍ବା, ଆଉ ଏ ସୂଚୀ ଯେତେ ଲମ୍ବା, ସେତିକି ବଳଶାଳୀ ହେଉଛି ମେକ୍ ଇନ୍ ଇଣ୍ଡିଆର ଶକ୍ତି । ସେତିକି ବିଶାଳ ହେଉଛି ଭାରତର ସାମର୍ଥ୍ୟ, ଆଉ ସାମର୍ଥ୍ୟର ଆଧାର ହେଉଛନ୍ତି ଆମ ଚାଷୀ, ଆମ କାରିଗର, ଆମ ବୁଣାଳୀ, ଆମ ଇଞ୍ଜିନିୟର, ଆମ କ୍ଷୁଦ୍ରଶିଳ୍ପ ଉଦ୍ୟୋଗୀ, ଆମ ଏମ୍.ଏସ୍.ଏମ୍.ଇ ସେକ୍ଟର, ଭିନ୍ନ ଭିନ୍ନ ବୃତ୍ତିଧାରୀ ଅନେକ ଲୋକ, ଏମାନେ ହିଁ ହେଉଛନ୍ତି ଏହା ପଛରେ ରହିଥିବା ପ୍ରକୃତ ଶକ୍ତି । ଏମାନଙ୍କ ପରିଶ୍ରମ ଯୋଗୁଁ ହିଁ ୪୦୦ ବିଲିୟନ ଡଲାରର ରପ୍ତାନୀ ଲକ୍ଷ୍ୟ ହାସଲ ହୋଇପାରିଛି । ଭାରତର ଲୋକଙ୍କ ଏହି ସାମର୍ଥ୍ୟ, ବିଶ୍ୱର କୋଣ ଅନୁକୋଣର ନୂଆ ନୂଆ ବଜାରକୁ ଏହା ପହଂଚିପାରୁଥିବାରୁ ମୋତେ ଖୁସି ଲାଗୁଛି । ଯେତେବେଳେ ଜଣେ ଜଣେ ଭାରତବାସୀ ଲୋକାଲ୍ ପାଇଁ ଭୋକାଲ୍ ହୁଅନ୍ତି, ସେତେବେଳେ ଲୋକାଲକୁ ଗ୍ଲୋବାଲ୍ ହେବାରେ ସମୟ ଲାଗେନି । ଆସନ୍ତୁ, ଲୋକାଲକୁ ଗ୍ଲୋବାଲ କରିବା ଏବଂ ଆମ ଉତ୍ପାଦନର ଗରିମାକୁ ଆହୁରି ବୃଦ୍ଧି କରିବା ।

ବନ୍ଧୁଗଣ, 'ମନ କି ବାତ୍'ର ଶ୍ରୋତାମାନେ ଏକଥା ଜାଣି ଖୁସି ହେବେ ଯେ, ଘରୋଇ ସ୍ତରରେ ମଧ୍ୟ ଆମର କ୍ଷୁଦ୍ର ଶିଳ୍ପ ଉଦ୍‌ଯୋଗୀମାନଙ୍କ ସଫଳତା ଆମକୁ ଗର୍ବରେ ଭରିଦେବ । ଆଜି ଆମ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀମାନେ ସରକାରୀ କ୍ରୟରେ ଗଭର୍ମେଂଟ ଇ-ମାର୍କେଟ୍ ପ୍ଲେସ୍ ବା ଜିଇଏମ୍ ମାଧ୍ୟମରେ ଗୋଟିଏ ବଡ ଭୂମିକା ନିର୍ବାହ କରୁଛନ୍ତି । ଟେକ୍ନୋଲୋଜି ଦ୍ୱାରା ଗୋଟିଏ ଖୁବ୍ ସ୍ୱଚ୍ଛ ପ୍ରଣାଳୀ ବିକଶିତ କରାଯାଇଛି । ଗତ ଏକବର୍ଷ ମଧ୍ୟରେ ଜିଇଏମ୍ ପୋର୍ଟାଲ ମାଧ୍ୟମରେ ସରକାର ଏକ ଲକ୍ଷ କୋଟି ଟଙ୍କାରୁ ଅଧିକର ଜିନିଷ କ୍ରୟ କରିଛନ୍ତି । ଦେଶର କୋଣ ଅନୁକୋଣରୁ ପ୍ରାୟଃ ଏକ ଲକ୍ଷ ପଚିଶ ହଜାର ଲଘୁ ଶିଳ୍ପ ଉଦ୍ୟୋଗୀ, ଛୋଟ ବ୍ୟବସାୟୀ ନିଜ ନିଜ ଦ୍ରବ୍ୟ ସିଧାସଳଖ ସରକାରଙ୍କୁ ବିକ୍ରି କରିଛନ୍ତି । ଦିନ ଥିଲା, ଯେତେବେଳେ କେବଳ ବଡ କମ୍ପାନୀମାନେ ହିଁ ସରକାରଙ୍କୁ ଦ୍ରବ୍ୟ ବିକ୍ରି କରିପାରୁଥିଲେ । କିନ୍ତୁ ଏବେ ଦେଶ ବଦଳୁଛି, ପୁରୁଣା ପ୍ରଣାଳୀ ମଧ୍ୟ ଏବେ ବଦଳୁଛି । ଏବେ କ୍ଷୁଦ୍ରାତିକ୍ଷୁଦ୍ର ବ୍ୟବସାୟୀ ମଧ୍ୟ ଜିଇଏମ୍ ପୋର୍ଟାଲରେ ସରକାରଙ୍କୁ ନିଜ ଦ୍ରବ୍ୟ ବିକ୍ରି କରିପାରିବେ – ଏହାହିଁ ତ ନୂଆ ଭାରତ । ଏହା କେବଳ ଯେ ବଡ ସ୍ୱପ୍ନ ଦେଖାଏ ତାହା ନୁହେଁ, ବରଂ ସେହି ଲକ୍ଷ୍ୟ ଯାଏ ପହଂଚିବାର ସାହସ ମଧ୍ୟ ଦେଖାଏ, ଯେଉଁଠି ଆଗରୁ କେହି ପହଂଚିନାହାନ୍ତି, ଏହି ସାହସକୁ ଭରସା କରି ଆମେ ସମସ୍ତେ ଭାରତୀୟ ମିଶି ଆତ୍ମନିର୍ଭର ଭାରତର ସ୍ୱପ୍ନ ମଧ୍ୟ ନିଶ୍ଚୟ ପୂରଣ କରିବା ।

ମୋର ପ୍ରିୟ ଦେଶବାସୀଗଣ, ନିକଟ ଅତୀତରେ ଅନୁଷ୍ଠିତ ପଦ୍ମ ସମ୍ମାନ ପ୍ରଦାନ ଉତ୍ସବରେ ଆପଣମାନେ ବାବା ଶିବାନନ୍ଦଙ୍କୁ ନିଶ୍ଚୟ ଦେଖିଥିବେ । ୧୨୬ ବର୍ଷ ବୟସର ସେହି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଶରୀରର ସ୍ଫୁର୍ତୀ ଦେଖିଲେ ମୋ ଭଳି ଯେ କେହି ବି ଆଶ୍ଚର୍ଯ୍ୟଚକିତ ହୋଇଥିବେ । ମୁଁ ଲକ୍ଷ୍ୟ କଲି ଯେ ଆଖି ପିଛୁଳାକେ ସେ ନନ୍ଦୀ ମୁଦ୍ରାରେ ପ୍ରଣାମ କଲେ । ମୁଁ ମଧ୍ୟ ବାବା ଶିବାନନ୍ଦଙ୍କୁ ନତମସ୍ତକ ହୋଇ ବାରମ୍ବାର ପ୍ରଣାମ କଲି । ୧୨୬ ବର୍ଷର ଆୟୁ ଏବଂ ତାଙ୍କର ଫିଟନେସ ଉଭୟ ଆଜି ସାରା ଦେଶରେ ଚର୍ଚ୍ଚାର ବିଷୟ । ସାମାଜିକ ଗଣମାଧ୍ୟମରେ ମୁଁ ଅନେକ ଲୋକଙ୍କ ମତାମତ ଦେଖିଲି ଯେ, ବାବା ଶିବାନନ୍ଦଙ୍କ ବୟସର ଚାରିଭାଗରୁ କମ୍ ବୟସ୍କଙ୍କ ଅପେକ୍ଷା ସେ ଅଧିକ ଫିଟ୍ । ପ୍ରକୃତରେ, ବାବା ଶିବାନନ୍ଦଙ୍କ ଜୀବନ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ । ମୁଁ ତାଙ୍କ ଦୀର୍ଘ ଜୀବନର କାମନା କରୁଛି । ତାଙ୍କଠାରେ ଯୋଗ ପ୍ରତି ଗୋଟିଏ ଅନୁରକ୍ତି ରହିଛି ଏବଂ ସେ ଖୁବ୍ ସ୍ୱାସ୍ଥ୍ୟପ୍ରଦ ଜୀବନଶୈଳୀ ଆପଣାଇଛନ୍ତି ।

ଜୀବେମ ଶରଦଃ ଶତମ୍ ।

ଆମ ସଂସ୍କୃତିରେ ସମସ୍ତଙ୍କୁ ଶହେ ବର୍ଷର ସୁସ୍ଥ ଜୀବନ ପାଇଁ ଶୁଭେଚ୍ଛା ଦିଆଯାଇଥାଏ । ଏପ୍ରିଲ ୭ ତାରିଖ ଦିନ ଆମେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରିବା । ଆଜି ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟକୁ ନେଇ ଭାରତୀୟ ଚିନ୍ତନ – ଯୋଗ ଏବଂ ଆୟୁର୍ବେଦ ପ୍ରତି ଆକର୍ଷଣ ବୃଦ୍ଧି ପାଇଚାଲିଛି । ଆପଣମାନେ ଲକ୍ଷ୍ୟ କରିଥିବେ ଯେ, ଗତ ସପ୍ତାହରେ ହିଁ, କାତାରଠାରେ ଗୋଟିଏ ଯୋଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସେଥିରେ ୧୧୪ଟି ଦେଶର ନାଗରିକମାନେ ଅଂଶଗ୍ରହଣ କରି ଗୋଟିଏ ନୂତନ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଦେଲେ । ସେହିଭଳି ଆୟୁଷ ଶିଳ୍ପର ବଜାର ମଧ୍ୟ କ୍ରମାଗତ ଭାବେ ବଢ଼ିଚାଲିଛି । ୬ ବର୍ଷ ପୂର୍ବେ ଆୟୁର୍ବେଦ ସହିତ ଜଡିତ ଔଷଧଗୁଡିକର ବଜାର ୨୨ ହଜାର କୋଟି ଟଙ୍କା ପାଖାପାଖି ଥିଲା । ଆଜି ଆୟୁଷ ନିର୍ମାଣ ଶିଳ୍ପ ପ୍ରାୟଃ ଏକ ଲକ୍ଷ ଚାଳିଶ ହଜାର କୋଟି ଟଙ୍କା ଯାଏ ବୃଦ୍ଧି ପାଇସାରିଲାଣି । ଅର୍ଥାତ୍ ଏହି କ୍ଷେତ୍ରରେ ସମ୍ଭାବନା କ୍ରମାଗତ ଭାବେ ବଢ଼ିଚାଲିଛି । ଷ୍ଟାର୍ଟ ଅପ୍ ଦୁନିଆରେ ମଧ୍ୟ ଆୟୁଷ ଆକର୍ଷଣର ବିଷୟ ପାଲଟିଗଲାଣି ।

ବନ୍ଧୁଗଣ, ସ୍ୱାସ୍ଥ୍ୟକ୍ଷେତ୍ରର ଅନ୍ୟ ଷ୍ଟାର୍ଟ-ଅପଗୁଡିକ ବିଷୟରେ ତ ମୁଁ ଆଗରୁ ମଧ୍ୟ ଅନେକ ଥର କହିସାରିଛି, କିନ୍ତୁ ଏଥର ଆୟୁଷ ଷ୍ଟାର୍ଟ-ଅପ୍ ଉପରେ ଆପଣଙ୍କ ସହିତ ବିଶେଷ ଭାବେ କଥା ହେବି । ଗୋଟିଏ ଷ୍ଟାର୍ଟ-ଅପ୍ ଅଛି, ଯାହାର ନାଁ ହେଉଛି କପିୱା । ଏହାର ନାଁ ରେ ହିଁ ଲୁଚି ରହିଛି ଏହାର ଅର୍ଥ । ଏଥିରେ କ' ର ଅର୍ଥ ହେଉଛି କଫ, ପି' ର ଅର୍ଥ ପିତ ଓ ବା' ହେଉଛି ବାତ । ଏହି ଷ୍ଟାର୍ଟ-ଅପ୍ ଆମ ପରମ୍ପରା ଅନୁସାରେ ସୁସ୍ଥ ଖାଦ୍ୟାଭ୍ୟାସ ଉପରେ ଆଧାରିତ । ଆଉ ଗୋଟିଏ ଷ୍ଟାର୍ଟ-ଅପ୍ ହେଉଛି ନିରୋଗ ଷ୍ଟ୍ରିଟ୍ ଯାହା ଆୟୁର୍ବେଦୀୟ ହେଲଥକେୟାର ଇକୋସିଷ୍ଟମର ଗୋଟିଏ ଅନନ୍ୟ ଚିନ୍ତାଧାରା । ପ୍ରଯୁକ୍ତିବିଦ୍ୟା ଆଧାରିତ ଏହି ମଂଚ ସାରା ବିଶ୍ୱର ଆୟୁର୍ବେଦ ଚିକିତ୍ସକଙ୍କୁ ସିଧାସଳଖ ଭାବେ ଲୋକଙ୍କ ସହିତ ଯୋଡିପାରୁଛି । ୫୦ ହଜାରରୁ ଅଧିକ ଚିକିତ୍ସକ ଏହା ସହ ଜଡିତ । ଏହିପରି ଆତ୍ରେୟ ଇନନୋଭେସନ୍ସ ହେଉଛି ଗୋଟିଏ ହେଲଥକେୟାର ଟେକ୍ନୋଲଜି ଷ୍ଟାର୍ଟ-ଅପ୍ ଯାହା ସାମଗ୍ରିକ ଉତ୍ତମ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟରତ । ଇକ୍‌ଜୋରିୟଲ କେବଳ ଯେ ଅଶ୍ୱଗନ୍ଧାର ବ୍ୟବହାର ସମ୍ପର୍କରେ ସଚେତନତାକୁ ବ୍ୟାପକ କରିଛି ତାହା ନୁହେଁ, ବରଂ ଉତ୍ତମ ଗୁଣର ଉତ୍ପାଦନ ପ୍ରକ୍ରିୟା ଉପରେ ମଧ୍ୟ ବହୁ ପରିମାଣରେ ବିନିଯୋଗ କରିଛି । କିଓରବେଦ ଚେରମୂଳି ଉପରେ ଆଧୁନିକ ଗବେଷଣା ଓ ପାରମ୍ପରିକ ଜ୍ଞାନର ସଂଗମରୁ ହୋଲିଷ୍ଟିକ ଲାଇଫ୍ ପାଇଁ ଡାଏଟାରୀ ସପ୍ଲିମେଂଟ ତିଆରି କରିଛି ।

ବନ୍ଧୁଗଣ, ମୁଁ ମାତ୍ର ଅଳ୍ପ କିଛି ନାଁ ଧରିଛି । ଏହି ସୂଚୀ ବହୁତ ଲମ୍ବା । ଏହା ଭାରତର ଯୁବ ଉଦ୍ୟୋଗୀ ଏବଂ ଭାରତରେ ସୃଷ୍ଟି ହେଉଥିବା ନୂତନ ସମ୍ଭାବନାର ପ୍ରତୀକ । ସ୍ୱାସ୍ଥ୍ୟକ୍ଷେତ୍ରର ଷ୍ଟାର୍ଟ-ଅପ୍ ଏବଂ ବିଶେଷକରି ଆୟୁଷ ଷ୍ଟାର୍ଟ-ଅପମାନଙ୍କୁ ମୋର ବିଶେଷ ଅନୁରୋଧ ରହିଛି ଯେ, ଅନଲାଇନରେ ଆପଣ ଯେଉଁ ପୋର୍ଟାଲ ବିକଶିତ କରୁଛନ୍ତି, ଯାହା କିଛି କଂଟେଂଟ ପ୍ରସ୍ତୁତ କରୁଛନ୍ତି, ତାହାକୁ ମିଳିତ ଜାତିସଂଘ ଦ୍ୱାରା ମାନ୍ୟତା ଦିଆଯାଇଥିବା ସମସ୍ତ ଭାଷାରେ ତିଆରି କରିବାକୁ ଚେଷ୍ଟା କରନ୍ତୁ । ବିଶ୍ୱରେ ଏଭଳି ଅନେକ ଦେଶ ରହିଛି, ଯେଉଁଠି ଇଂରାଜୀକୁ ଲୋକ କମ୍ ବୁଝନ୍ତି ଓ କମ୍ ବ୍ୟବହାର କରନ୍ତି । ଏଭଳି ଦେଶଗୁଡିକୁ ମଧ୍ୟ ଆଖି ଆଗରେ ରଖି ନିଜ ସୂଚନାର ପ୍ରଚାର କରନ୍ତୁ । ଭାରତର ଆୟୁଷ ଷ୍ଟାର୍ଟ-ଅପ୍ ଉତ୍ତମ ଗୁଣମାନର ଉତ୍ପାଦନ ସହିତ ସାରା ବିଶ୍ୱ ଉପରେ ଖୁବ କମ୍ ସମୟରେ ଆଧିପତ୍ୟ ବିସ୍ତାର କରିନେବ ବୋଲି ମୋର ବିଶ୍ୱାସ ।

ବନ୍ଧୁଗଣ, ସ୍ୱାସ୍ଥ୍ୟର ସମ୍ପର୍କ ସିଧାସଳଖ ଭାବେ ସ୍ୱଚ୍ଛତା ସହିତ ମଧ୍ୟ ଜଡିତ । 'ମନ୍ କି ବାତ୍'ରେ ମୁଁ ସବୁବେଳେ ସ୍ୱଚ୍ଛତା ପ୍ରତି ଆଗ୍ରହୀ ବ୍ୟକ୍ତିମାନଙ୍କର ପ୍ରଚେଷ୍ଟା କଥା ନିଶ୍ଚୟ କହିଥାଏ । ଏହିଭଳି ଜଣେ ସ୍ୱଚ୍ଛାଗ୍ରହୀ ହେଲେ ଚନ୍ଦ୍ରକିଶୋର ପାଟିଲ୍ । ସେ ମହାରାଷ୍ଟ୍ରର ନାସିକଠାରେ ରହନ୍ତି । ସ୍ୱଚ୍ଛତାକୁ ନେଇ ଚନ୍ଦ୍ରକିଶୋରଙ୍କ ସଂକଳ୍ପ ବହୁତ ବଡ । ସେ ଗୋଦାବରୀ ନଦୀ ପାଖରେ ଠିଆ ହୁଅନ୍ତି ଏବଂ ଅନବରତ ଭାବେ ଲୋକମାନଙ୍କୁ ନଦୀରେ ଅଳିଆ ଆବର୍ଜନା ନ ପକାଇବା ପାଇଁ ପ୍ରେରିତ କରନ୍ତି । କେହି ତାଙ୍କୁ ସେଭଳି କାର୍ଯ୍ୟ କରୁଥିବା ଦୃଷ୍ଟିଗୋଚର ହେଲେ ସେ ତୁରନ୍ତ ତାକୁ ମନା କରନ୍ତି । ଏହି କାମରେ ଚନ୍ଦ୍ରକିଶୋର ନିଜର ବହୁତ ସମୟ ଖର୍ଚ୍ଚ କରନ୍ତି । ସନ୍ଧ୍ୟା ସୁଦ୍ଧା ତାଙ୍କ ପାଖରେ ଏଭଳି ପଦାର୍ଥଗୁଡିକ ଗଦା ହୋଇଯାଏ, ଯାହାସବୁ ଲୋକେ ନଦୀରେ ପକାଇବାକୁ ଆଣିଥାନ୍ତି । ଚନ୍ଦ୍ରକିଶୋରଙ୍କ ଏହି ପ୍ରଚେଷ୍ଟା ସଚେତନତା ସୃଷ୍ଟି କରିବା ସହ ପ୍ରେରଣା ମଧ୍ୟ ଯୋଗାଉଛି । ଏହିଭଳି ଆଉ ଜଣେ ସ୍ୱଚ୍ଛାଗ୍ରହୀ ହେଲେ ଓଡିଶାର ପୁରୀ ନିବାସୀ ରାହୁଲ ମହାରଣା । ରାହୁଲ ପ୍ରତି ରବିବାର ସକାଳୁ ସକାଳୁ ପୁରୀରେ ତୀର୍ଥ ସ୍ଥଳଗୁଡିକୁ ଯାଆନ୍ତି ଓ ସେଠାରେ ପଡିଥିବା ପ୍ଲାଷ୍ଟିକ ଆବର୍ଜନାଗୁଡିକୁ ସଫା କରିଥାନ୍ତି । ଏଯାବତ୍ ସେ ଶହ ଶହ କିଲୋ ପ୍ଲାଷ୍ଟିକ ଆବର୍ଜନା ସଫା କରିସାରିଲେଣି । ପୁରୀର ରାହୁଲ ହୁଅନ୍ତୁ ବା ନାସିକର ଚନ୍ଦ୍ରକିଶୋର, ଏମାନେ ଆମ ସମସ୍ତଙ୍କୁ ବହୁତ କିଛି ଶିଖାଉଛନ୍ତି । ନାଗରିକ ହିସାବରେ ଆମେ ଆମ କର୍ତ୍ତବ୍ୟ ପାଳନ କରିବା, ସ୍ୱଚ୍ଛତାକୁ ନେଇ ହେଉ, ପୋଷଣକୁ ନେଇ ହେଉ, ବା ଟିକାକରଣ ସମ୍ପର୍କରେ ହେଉ, ଏହି ସମସ୍ତ ପ୍ରଚେଷ୍ଟା ଦ୍ୱାରା ମଧ୍ୟ ସୁସ୍ଥ ରହିବାରେ ସହାୟତା ମିଳିଥାଏ ।

ମୋର ପ୍ରିୟ ଦେଶବାସୀଗଣ, ଆସନ୍ତୁ କେରଳର ମୁପଟ୍ଟମ ଶ୍ରୀ ନାରାୟଣନଙ୍କ ସମ୍ପର୍କରେ କଥା ହେବା । ସେ ଏକ ପ୍ରକଳ୍ପ ଆରମ୍ଭ କରିଛନ୍ତି, ଯାହାର ନାମ 'ପଟ୍ସ ଫର୍ ୱାଟର ଅଫ୍ ଲାଇଫ୍' । ଆପଣ ଯେତେବେଳେ ଏହି ପ୍ରକଳ୍ପ ସମ୍ପର୍କରେ ଜାଣିବେ, ତେବେ ଭାବିବେ ଯେ କି ଚମତ୍କାର କାର୍ଯ୍ୟ ସେ କରିଛନ୍ତି ।

ବନ୍ଧୁଗଣ, ମୁପଟ୍ଟମ ଶ୍ରୀ ନାରାୟଣନ, ଖରାଦିନେ ପଶୁପକ୍ଷୀଙ୍କୁ ଯେପରି ପାଣିର ସମସ୍ୟା ନ ହୁଏ, ସେଥିପାଇଁ ମାଟିପାତ୍ର ବାଂଟିବାର ଅଭିଯାନ ଚଳାଇଛନ୍ତି । ଗରମରେ ସେ ପଶୁପକ୍ଷୀଙ୍କ ଏହି ସମସ୍ୟାକୁ ଦେଖି ନିଜେ ବି ବିବ୍ରତ ହୋଇଉଠୁଥିଲେ । ପୁଣି ସେ ଭାବିଲେ ଯେ ସେ ନିଜେ କାହିଁକି ମାଟିପାତ୍ର ନ ବାଂଟିବେ, ଯେପରିକି ଅନ୍ୟମାନଙ୍କ ପାଖରେ କେବଳ ସେହି ପାତ୍ରରେ ପାଣି ଭରିବାର କାମ ରହିବ । ଆପଣ ଆଶ୍ଚର୍ଯ୍ୟ ହେବେ ଯେ ନାରାୟଣନଙ୍କ ଦ୍ୱାରା ବଂଟାଯାଇଥିବା ପାତ୍ରର ସଂଖ୍ୟା ଏକ ଲକ୍ଷରୁ ଅଧିକ ହେବାକୁ ଯାଉଛି । ନିଜ ଅଭିଯାନରେ ସେ ଲକ୍ଷେତମ ପାତ୍ର ଗାନ୍ଧିଜୀଙ୍କ ଦ୍ୱାରା ସ୍ଥାପିତ ସାବରମତୀ ଆଶ୍ରମକୁ ଦାନ କରିବେ । ଆଜି ଯେତେବେଳେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଛି, ନାରାୟଣନଙ୍କ ଏହି କାମ ଆମ ସମସ୍ତଙ୍କୁ ନିଶ୍ଚୟ ପ୍ରେରଣା ଯୋଗାଇବ ଏବଂ ଆମେ ମଧ୍ୟ ଏହି ଖରାଦିନେ ଆମର ପଶୁପକ୍ଷୀ ବନ୍ଧୁଙ୍କ ପାଇଁ ପାଣିର ବ୍ୟବସ୍ଥା କରିବା ।

ବନ୍ଧୁଗଣ, ମୁଁ 'ମନ୍ କୀ ବାତ୍'ର ଶ୍ରୋତାମାନଙ୍କୁ କହିବାକୁ ଚାହୁଁଛି ଯେ ଆମେ ନିଜର ସଙ୍କଳ୍ପକୁ ପୁଣିଥରେ ଦୋହରାଇବା । ପାଣିର ଗୋଟିଏ ଗୋଟିଏ ବୁନ୍ଦା ବଂଚାଇବା ପାଇଁ ଆମକୁ ଯାହା ବି କରିବାକୁ ପଡିବ, ତାହା ନିଶ୍ଚିତ ଭାବେ ଆମେ କରିବା ଉଚିତ । ଏହାଛଡା ପାଣିର ରିସାଇକ୍ଲିଂ ଉପରେ ମଧ୍ୟ ଆମେ ସେତିକି ହିଁ ଗୁରୁତ୍ୱ ଦେବା । ଘରେ ବ୍ୟବହାର କରାଯାଉଥିବା ପାଣି ଯାହାକି ମାଟିପାତ୍ରରେ କାମ ଆସିପାରେ, ବଗିଚା କାମରେ ବ୍ୟବହାର କରାଯାଇପାରେ, ତାକୁ ନିଶ୍ଚିତ ଭାବେ ପୁଣିଥରେ ବ୍ୟବହାର କରାଯିବା ଆବଶ୍ୟକ । ସାମାନ୍ୟ ପ୍ରୟାସ କଲେ ଆପଣ ନିଜ ଘରେ ଏପରି ବ୍ୟବସ୍ଥା ତିଆରି କରିପାରିବେ । କେଇ ଶତାବ୍ଦୀ ତଳେ ରହିମଦାସ କିଛି ଉଦ୍ଦେଶ୍ୟ ନେଇ କହିଯାଇଛନ୍ତି ଯେ 'ରହିମନ ପାନି ରଖିଏ, ବିନ୍ ପାନି ସବ୍ ସୁନ୍' ଏବଂ ପାଣି ବଂଚାଇବାର ଏହି କାମରେ ପିଲାମାନଙ୍କଠାରୁ ମୁଁ ବହୁତ ଆଶା ରଖିଛି । ସ୍ୱଚ୍ଛତାକୁ ଯେପରି ଆମର ପିଲାଏ ଆନ୍‌ଦୋଳନରେ ପରିଣତ କରିଛନ୍ତି, ସେହିପରି ସେମାନେ 'ଜଳଯୋଦ୍ଧା' ହୋଇ ପାଣି ବଂଚାଇବାରେ ସାହାଯ୍ୟ କରିପାରିବେ ।

ବନ୍ଧୁଗଣ, ଆମ ଦେଶରେ ଜଳ ସଂରକ୍ଷଣ, ଜଳସ୍ରୋତର ସୁରକ୍ଷା କେଉଁ ଯୁଗରୁ ସମାଜ ସ୍ୱଭାବର ଅଂଗ ହୋଇ ରହିଛି । ମତେ ଖୁସି ଲାଗୁଛି ଯେ ଦେଶର ବହୁତ ଲୋକ ଜଳ ସଂରକ୍ଷଣକୁ ନିଜ ଜୀବନର ଏକ ମିଶନରେ ପରିଣତ କରିଦେଇଛନ୍ତି । ଏହିପରି ଜଣେ ବ୍ୟକ୍ତି ହେଉଛନ୍ତି ଚେନ୍ନାଇର ଅରୁଣ କୃଷ୍ଣମୂର୍ତ୍ତି । ଅରୁଣ ନିଜ ଅଂଚଳର ପୋଖରୀ ଓ ହ୍ରଦକୁ ସଫା କରିବା ଅଭିଯାନ ଚଳାଇଛନ୍ତି । ସେ ୧୫୦ରୁ ଅଧିକ ପୋଖରୀ-ହ୍ରଦକୁ ସଫାସୁତୁରା କରିବାର ଦାୟିତ୍ୱ ନେଇ ସଫଳତାର ସହ ତାକୁ ପୂର୍ଣ୍ଣ କରିଛନ୍ତି । ସେହିପରି ମହାରାଷ୍ଟ୍ରର ଜଣେ

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ସଂପାଦକୀୟ

# ରୁଷ୍-ୟୁକ୍ରେନ୍ ଯୁଦ୍ଧ

ଦୀର୍ଘ ୧ ମାସରୁ ଅଧିକ ସମୟ ହେଲା ଜାରି ରହିଛି ରୁଷ-ୟୁକ୍ରେନ୍ ଯୁଦ୍ଧ । ଯୁଦ୍ଧର ଧ୍ୱଂସଲୀଳାରେ ଛାରଖାର ହୋଇ ସାରିଲାଣି । ୟୁକ୍ରେନ୍ ରାଜଧାନୀ କିଭ୍‌କୁ ଅକ୍ତିଆର କରିବା ପାଇଁ ଆଜି ପର୍ଯ୍ୟନ୍ତ ବଳ ଖଟାଇବାରେ ଲାଗିଛି ରୁଷ୍ । ଅଥଚ ଦୀର୍ଘ ୧ ମାସରୁ ଅଧିକ ସମୟ ଯୁଦ୍ଧ ପରେ ମଧ୍ୟ କିଭ୍ ଅକ୍ତିଆର ରୁଷ୍ ସୈନିକମାନଙ୍କ ପାଇଁ ସମ୍ଭବପର ହୋଇନାହିଁ । କୁହାଯାଉଛି ୟୁକ୍ରେନ୍‌ର ଆଉ କୌଣସି ଜାଗା ବି ବଂଚିନାହିଁ ରୁଷ୍ ଆକ୍ରମଣରୁ । ତଥାପି ୟୁକ୍ରେନ୍ ପଛଘୁଂଚା ଦେଉ ନଥିବା ବେଳେ ରୁଷ୍ ଆକ୍ରମଣରୁ ହଟୁନାହିଁ । ୟୁରୋପୀୟ ନାଟୋ ଦେଶମାନଙ୍କରୁ ପ୍ରତ୍ୟକ୍ଷ ସେନା ସହଯୋଗ ପାଇବା ପାଇଁ ଆଶା ରଖିଥିବା ୟୁକ୍ରେନ୍‌କୁ ନିରାଶ ହେବାକୁ ପଡ଼ିଥିଲେ ମଧ୍ୟ ରୁଷ୍‌କୁ ବିଶେଷ କ୍ଷତି ପହଂଚାଇବାରେ ଲାଗିଛି ୟୁକ୍ରେନ୍ । କେବଳ ସେତିକି ନୁହେଁ ୟୁକ୍ରେନ୍ ସେନା ରୁଷ୍‌ର ତୈଳ ଡିପୋ ଉପରେ ମଧ୍ୟ ଅତର୍କିତ ଆକ୍ରମଣ କରି ସାରିଛନ୍ତି । ଅନ୍ୟପକ୍ଷରେ ୟୁରୋପୀୟ ଦେଶଗୁଡ଼ିକର ତନାଘନା ପ୍ରତିବନ୍ଧକ ଓ ଯୁଦ୍ଧ ଖର୍ଚ୍ଚ ବୋହି ବୋହି ରୁଷ୍‌ର ଆର୍ଥିକ ସ୍ଥିତି ବେଶ୍ ଦୁର୍ବଳ ହେବାରେ ଲାଗିଛି । ବିଶ୍ୱ ବଜାରରେ ରୁଷ୍‌ର ଅର୍ଥନୈତିକ ଅଧୋପତନ ସାରା ବିଶ୍ୱକୁ ଚକିତ କରିଦେଇଛି । ଯୁଦ୍ଧ ରୋକିବାର ନାଁ ନେଉ ନଥିବା ବେଳେ ପାଖାପାଖି ୩୦ ଲକ୍ଷ ୟୁକ୍ରେନୀ ନିକଟ ମିତ୍ର ରାଷ୍ଟ୍ରକୁ ଜୀବନ ବଂଚାଇବା ପାଇଁ ଶରଣ ନେବାକୁ ପହଂଚି ସାରିଛନ୍ତି । ଯୁଦ୍ଧରେ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଜୀବନ ହାନୀ ଘଟୁଛି । ୟୁକ୍ରେନ୍ ମାଟିରେ ପୋକ ମାଛିଙ୍କ ଜୀବନ ଠାରୁ ମଧ୍ୟ ଆହୁରି କ୍ଷଣସ୍ଥାୟୀ ପାଲଟିଛି ଏବେ ମାନବ ଜୀବନ । ନିରୀହ ମହିଳା ଓ ଶିଶୁମାନେ ମଧ୍ୟ ଜୀବନ ରକ୍ଷା କରିବାରେ ଅକ୍ଷମ ହୋଇଛନ୍ତି ଯୁଦ୍ଧ ସାମ୍ନାରେ । ପ୍ରତି ମୁହୂର୍ତ୍ତରେ ଗୁଳି, ବୋମା, ମିସାଇଲ୍ ପ୍ରହାରରେ ଧୂଳିସାତ ହୋଇ ସାରିଛି ୟୁକ୍ରେନ୍ । ଧୂଆଁ ଭର୍ତ୍ତି ୟୁକ୍ରେନ୍‌ର ଆକାଶ । ସ୍କୁଲ, ପ୍ରାର୍ଥନା ଗୃହ, ଥିଏଟର୍ ଗୃହ, ବ୍ୟବସାୟିକ ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ, ସୈନ୍ୟ ଆଡ୍‌ଡ଼ା ସ୍ଥଳୀ, ତୈଳ ଡିପୋ, ଗ୍ୟାସ୍ ଲାଇନ୍ ପାଇପ୍, ହସ୍‌ପିଟାଲ୍ ଆଦି ସମସ୍ତ ସ୍ଥାନ ମାଟିରେ ମିଶି ସାରିଛି । ତଥାପି ଯୁଦ୍ଧ ଜାରି ରହିଛି । ୟୁକ୍ରେନ୍-ରୁଷ୍‌ର ଯୁଦ୍ଧ ଯୋଗୁଁ ସାରା ବିଶ୍ୱରେ ଏବେ ଉତ୍ତେଜନା ଦେଖା ଦେଇଥିବା ବେଳେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ମଧ୍ୟ ଦେଖା ଦେଇଥିବା ଯୁଦ୍ଧ ବିଷାରଦମାନେ ମତ ପ୍ରକାଶ କରୁଛନ୍ତି । ଏଭଳି ସ୍ଥିତିରେ ଯୁଦ୍ଧ ବିରାମ ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି ।

# ସାମ୍ବାଦିକ ସମ୍ମିଳନୀରେ ଟିଟିଲାଗଡ଼ କୋସଲି ଭାଷା ସୁରକ୍ଷା ସମିତିର ଦାବୀ ଉପସ୍ଥାପନ



ଟିଟିଲାଗଡ଼, (ନିପ୍ର) : କୋସଲି ସାହିତ୍ୟ ସଂସ୍କୃତି ଏକାଡ଼େମୀ ତରଫରୁ ଆୟୋଜିତ ପଶ୍ଚିମ ଓଡ଼ିଶାର ତେରଟି ଜିଲ୍ଲାରେ ହୋଇଥିବା ଗଣଧାରଣା ପରିପ୍ରେକ୍ଷୀରେ ଟିଟିଲାଗଡ଼ କୋସଲି ଭାଷା ସୁରକ୍ଷା ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ସଭାରେ ସମିତିର ସଭାପତି ଦିଲିପ କୁମାର ପଶାୟତ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ସେବକ ଚରଣ ଦାଶ, ଭିକାରୀ ଚରଣ ମିଶ୍ର, ନୀଳମଣି ସାହୁ, ଜ୍ୟୋତିପ୍ରକାଶ ଗଡ଼ତ୍ୟା, ଘିନୁ ଆଡ଼ୟୁଆଡ଼, ହେମେନ୍ଦ୍ର ହାଁସଦା, ସତ୍ୟବ୍ରତ ପଣ୍ଡା ପ୍ରମୁଖ ମଂସାସୀନ ଥିଲେ । ଓଡ଼ିଶାର ପଶ୍ଚିମାଂଚଳ ତଥା ଅନ୍ୟ ଅଂଚଳରେ ପ୍ରାୟ ତିନି କୋଟି ଜନସାଧାରଣ କୋସଲିକୁ ନିଜର ମାତୃଭାଷା ରୂପେ ଶହ ଶହ ବର୍ଷ ଧରି ବ୍ୟବହାର କରି ଆସୁଛନ୍ତି । କୋସଲି ଭାଷାରେ ହଜାର ହଜାର ପୁସ୍ତକ ପ୍ରକାଶିତ ହୋଇ ସାରିଛି ।

ସାହିତ୍ୟ, ସଂସ୍କୃତି, କଳା ଓ ଐତିହ୍ୟକୁ ରାଜ୍ୟ ତଥା ଜାତୀୟ ସ୍ତରରେ ପୁରସ୍କୃତ କରାଯାଇଛି । ସଂପ୍ରତି ଏହି ଭାଷାର ଅଭିଧାନ ପ୍ରଣେତା ନରସିଂହ ଗୁରୁଙ୍କୁ ଜାତୀୟ ପୁରସ୍କାର ପଦ୍ମଶ୍ରୀ ସମ୍ମାନ ଦିଆଯାଇଛି । କିନ୍ତୁ ଏହି ଭାଷାକୁ ବର୍ଷ ବର୍ଷର ଦାବୀ ସତ୍ତ୍ୱେ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରାଯାଇନାହିଁ । ଦ୍ୱିତୀୟତଃ ଏହି ଅଂଚଳର ଶିଶୁ ଓଡ଼ିଆ ଭାଷାରେ ଦିଆଯାଉଥିବା ଶିକ୍ଷାକୁ ମାନସିକ ସ୍ତରରେ ଗ୍ରହଣ କରି ପାରୁନଥିବାରୁ ତାହାର ଶୈକ୍ଷିକ ଓ ମାନସିକ ବିକାଶ ହୋଇ ପାରୁନାହିଁ । ତେଣୁ କୌଣସି ପରୀକ୍ଷାରେ ଅନ୍ୟମାନଙ୍କଠାରୁ ପଛେଇ ରହୁଛି । ତୃତୀୟତଃ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ପ୍ରଚଳିତ ଇଂରାଜୀ ଓ ଓଡ଼ିଆ ଭାଷାକୁ ବୁଝି ପାରୁ ନଥିବାରୁ ନ୍ୟାୟିକ ସୁବିଧାଠାରୁ ଏ ଅଂଚଳର ଜନସାଧାରଣ ଦୂରେଇ ରହୁଛନ୍ତି । ଏହି ଅଂଚଳର ଗବେଷକ, ଐତିହାସିକ, ସାହିତ୍ୟିକ, କବି ଓ ଲେଖକମାନଙ୍କ ପାଇଁ ଏହି ଭାଷାର ନା’ ବିଶ୍ୱବିଦ୍ୟାଳୟଟିଏ ଅଛି ନା’ କୋସଲି ସାହିତ୍ୟ ଏକାଡ଼େମୀ ଟିଏ ରହିଛି । ଦୀର୍ଘ ବର୍ଷ ଧରି ଏ ସଂକ୍ରାନ୍ତରେ ଦାବୀ ଉଠୁଥିବା ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଫଳରେ ଆଜି ଏହି ମିଳିତ ମଂଚ, କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା, ପ୍ରାଥମିକ ସ୍ତରରେ ଶିକ୍ଷାଦାନ, ଏହି ଭାଷାକୁ ରାଜ୍ୟରେ ଦ୍ୱିତୀୟ ସରକାରୀ ଭାଷା ଭାବେ ଗହଣ ଏବଂ ପଶ୍ଚିମ ଓଡ଼ିଶାରେ କୋସଲ ବିଶ୍ୱବିଦ୍ୟାଳୟ ତଥା ସାହିତ୍ୟ ଏକାଡ଼େମୀ ସ୍ଥାପନ ତୁରନ୍ତ ବିଧିବଦ୍ଧ ବ୍ୟବସ୍ଥା ଗ୍ରହଣ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବଂଚାସୀନ ସଦସ୍ୟଗଣ ଦାବୀ ଉପସ୍ଥାପନ କରିଥିଲେ ।

ସଂପାଦକ ନରସିଂହ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଷାଧ୍ୟକ୍ଷ ଚିତ୍ତରଂଜନ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏଚ୍ଆଇଭି, ଯକ୍ଷ୍ମା ଓ ରକ୍ତଦାନ ସଂପର୍କିତ ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ, (ନିପ୍ର) : ନୂତନ ଭାରତର ପଞ୍ଚସ୍ତୋରୀତମ ସ୍ୱାଧୀନତା ପୂର୍ତ୍ତି ଅବସରରେ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଡ଼ ରିବନ୍ କ୍ଲବ ତରଫରୁ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଏଚ୍ଆଇଭି, ଯକ୍ଷ୍ମା ଓ ରକ୍ତଦାନ ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ୟୁଥ୍ ରେଡ୍କ୍ରସ କାଉନସେଲର ଦୁର୍ବାଦଳ ଘିଭେଲା ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷ ବସନ୍ତ କୁମାର ମନହୀରା ଛାତ୍ରଛାତ୍ରୀମାନଙ୍କ ପ୍ରତିଭା ବିକାଶ ପାଇଁ ନିଜ ବକ୍ତବ୍ୟରେ ମତ ରଖିଥିଲେ । ସାମାଜିକ ଗଣମାଧ୍ୟମ ଅଭିଯାନ କାର୍ଯ୍ୟକ୍ରମରେ ଛାତ୍ରୀ ସରିତା ମେହେର ଓ ସୁନୀତା ମେହେର, ପ୍ରଚାର ଫର୍ଦ୍ଦ ତିଆରିରେ ନମିତା ପତ୍ରିମାଲି, ତର୍କରେ କୌଶଲ୍ୟା ଛତ୍ରିଆ, ପ୍ରାଚୀର ଚିତ୍ର ଅଙ୍କନରେ ଶ୍ରଦ୍ଧାଂଜଳି ତରିଆ, କ୍ୱିଜ ପ୍ରତିଯୋଗିତାରେ ସୁନେନା ମେହେର ଓ ଜସମା ପଧାନ, ମାସ୍କ ତିଆରିରେ ଅମିତ ନାଗ, ଗଳ୍ପ ଲିଖନରେ ସ୍ମୃତିଶିଖା ଷଡ଼ଙ୍ଗୀ, ଗୋଷ୍ଠୀ ଆଲୋଚନାରେ ଉର୍ମିଳା ମହାନନ୍ଦ ଓ କମଳା ନାଗ, ରେଡ଼ ରିବନ କ୍ଲବ ବକ୍ତୃତାରେ ଆକାଶ ସାହୁ ଓ ସ୍ୱପ୍ନା ମହାନନ୍ଦ ଏଂ ଫେସ୍ ପଟିଂରେ ସିଦ୍ଧାର୍ଥ ଜୈନ ପ୍ରମୁଖ କୃତୀତ୍ୱ ପ୍ରଦର୍ଶନ କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ।

କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଗୋବିନ୍ଦ ମେହେର, ଧୋବାଇ ଚରଣ ପଟେଲ, ପ୍ରଶାନ୍ତ କୁମାର ଥନାପତି, ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ଏବଂ ଶେଷରେ ଇତିହାସ ବିଭାଗ ପ୍ରାଧ୍ୟାପକ ରଂଜନ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବଲାଙ୍ଗିରର ପ୍ରୋତ୍ସାହନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଯୁବଗୋଷ୍ଠୀ ତଥା ସମାଜକୁ ଏକ ସଚେତନତା ବାର୍ତ୍ତା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରି ପାରିଛି ।

# ସୁବର୍ଣ୍ଣପୁର ନଦୀ ସଂଗମ ସ୍ୱର୍ଣ୍ଣ ପ୍ରୟାଗ ଘାଟରେ ହିନ୍ଦୁ ନବବର୍ଷ ପାଳିତ



ସୁବର୍ଣ୍ଣପୁର, (ନିପ୍ର) : ଚୈତ୍ର ଶୁକ୍ଳ ପ୍ରତିପଦା ତଥା ହିନ୍ଦୁ ନବବର୍ଷ ଆଜି ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ସଂସ୍କାର ଭାରତୀ, ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ମିଳିତ ଭାବରେ ମହାନଦୀ ଓ ତେଲନଦୀ ସଂଗମସ୍ଥଳୀ ସ୍ୱର୍ଣ୍ଣ ପ୍ରୟାଗ ଘାଟରେ ହିନ୍ଦୁ ନବବର୍ଷ ପାଳିତ ହୋଇଛି । ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ସଂଯୋଜନାରେ ଉଦୟମାନ ସୂର୍ଯ୍ୟଙ୍କୁ ପୂଜା ଆରଧନା ସହ ଆଳତି ପ୍ରଦାନ ଓ ଭାରତମାତାଙ୍କ ବନ୍ଦନା ଗାନ କରାଯାଇଥିବା ବେଳେ ହିନ୍ଦୁ ନବବର୍ଷ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରାଯାଇଛି ।

# ଚିକିତ୍ସା କେନ୍ଦ୍ରରେ ଡାକ୍ତର ଓ ଷ୍ଟାଫ୍ ନର୍ସଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଗମ୍ଭାରୀ ଆଂଚଳିକ ଯୁବ ସଂଗ୍ରାମ କମିଟି ତଥା ଅଂଚଳବାସୀ



ବଲାଙ୍ଗିର, (ନିପ୍ର) : ଚିକିତ୍ସା କେନ୍ଦ୍ର ପାଇଁ ଡାକ୍ତର ଓ ଷ୍ଟାଫ୍ ନର୍ସଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କୁ ଭେଟିଛନ୍ତି ଗମ୍ଭାରୀ ଆଂଚଳିକ ଯୁବ ସଂଗ୍ରାମ କମିଟି ତଥା ଅଂଚଳବାସୀ । ସୂଚନା ଅନୁସାରେ ସେମାନେ ଏ ସଂପର୍କରେ ଏକ ଦାବୀପତ୍ର ବଲାଙ୍ଗିର ସିଡ଼ିଏମ୍ଓଙ୍କୁ ପ୍ରଦାନ କରିବା ପାଇଁ ପହଂଚିଥିବା ବେଳେ ସିଡ଼ିଏମ୍ଓ ଦାବୀପତ୍ର ଗ୍ରହଣ ପାଇଁ ମନା କରିଦେବା ପରେ ସେମାନେ ଜିଲ୍ଲାପାଳଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଛନ୍ତି । ଦାବୀପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଗମ୍ଭାରୀ ଅଂଚଳର ପ୍ରାୟ ୨୧ ଖଣ୍ଡ ଗ୍ରାମର ପାଖାପାଖି ୪୦ ହଜାରରୁ ଅଧିକ ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବେଲପଡ଼ା ବ୍ଲକ ଅନ୍ତର୍ଗତ ଏହି ପଛୁଆ ଅଂଚଳରେ ଅଧିକାଂଶ ଲୋକ ଦାଦନ ଶ୍ରମିକ, ଗରିବ, ଖଟିଖିଆ ଶ୍ରେଣୀର ଅଟନ୍ତି । ବିଭିନ୍ନ ରୋଗ ବ୍ୟାଧି ତଥା ମହାମାରୀରେ ଆକ୍ରାନ୍ତ ହେଲେ, ଗମ୍ଭାରୀ ଗ୍ରାମରେ ଥିବା ପ୍ରାଥମିକ ଚିକିତ୍ସା କେନ୍ଦ୍ର ଉପରେ ନିର୍ଭର କରି ସେମାନେ ଚିକିତ୍ସା ସେବାରୁ ବଂଚିତ ହେଉଛନ୍ତି । କାରଣ ଗମ୍ଭାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୨୫ ବର୍ଷ ହେଲା ସ୍ଥାୟୀ ଡାକ୍ତର ଓ ନର୍ସ ନିଯୁକ୍ତ ହୋଇନାହାନ୍ତି । ଏଠାରେ ସ୍ୱାସ୍ଥ୍ୟସେବା ପାଇଁ କିଛି ଭିତ୍ତିଭୂମି ରହିଥିଲେ ମଧ୍ୟ ତାହା କୌଣସି କାମରେ ଆସୁନାହିଁ । ଏଥିଯୋଗୁଁ ଅଂଚଳବାସୀ ଅର୍ଥାଭାବରୁ ଦୂର ଦୂରାନ୍ତରକୁ ଯାଇ ଚିକିତ୍ସା କରାଇବାକୁ ଅସମର୍ଥ ହୋଇ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି । ସଂପୃକ୍ତ ଅଂଚଳକୁ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ତଥା ଜନ ପ୍ରତିନିଧିମାନେ ବାରମ୍ବାର ଆସୁଥିଲେ ସୁଦ୍ଧା ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଉ ନଥିବା ସେମାନେ ଅଭିଯୋଗ କରିଛନ୍ତି । ଏଣୁ ଗମ୍ଭାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଥାଶୀଘ୍ର ସ୍ଥାୟୀ ଡାକ୍ତର ଓ ନର୍ସ ନିଯୁକ୍ତି କରାଯିବାକୁ ଗମ୍ଭାରୀ ଆଂଚଳିକ ଯୁବ ସଂଗ୍ରାମ କମିଟି ତଥା ଅଂଚଳବାସୀଙ୍କ ପକ୍ଷରୁ ଦାବୀ କରାଯାଇଛି ।

# ଦଲାର ଗ୍ରାମର ବହୁ ଚର୍ଚ୍ଚିତ ନବବଧୂ ହତ୍ୟା ଘଟଣାରେ ଦୁଇ ଗିରଫ



ଢେଙ୍କାନାଳ, (ନିପ୍ର) : ଗତ ୨୭ ତାରିଖରେ ଗଂଦିଆ ଥାନା ଅନ୍ତର୍ଗତ ଦଲାର ଗ୍ରାମରେ ଜଣେ ନବ ବିବାହିତା ବହୁ ସଙ୍ଗୀତା ଦାସଙ୍କୁ ତାଙ୍କର ଶଶୁର ଘର ଲୋକେ ଯୌତୁକ ପାଇଁ ମାରି ଟାଙ୍ଗି ଦେଇଥିଲେ ବୋଲି ନବବୋହୂର ଭାଇ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ଅନ୍ତର୍ଗତ ତରାଜଙ୍ଗ ଗ୍ରାମର ସୋମ୍ୟରଞ୍ଜନ ଷାଣ୍ଢ ୨୭ ତାରିଖ ସନ୍ଧ୍ୟାରେ ଗଂଦିଆ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ୮୬/୨୦୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ।

ତଦନ୍ତ ପରେ ସ୍ୱାମୀ ନରେନ୍ଦ୍ର ଦାସ ଓରଫ ବିଷ୍ଣୁ ଏବଂ ଶଶୁର ନନ୍ଦ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ସମସ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଗଂଦିଆ ଥାନା ଭାରପ୍ରାପ୍ତ ଅଧିକାରୀ ବିଷ୍ଣୁ ଚରଣ ବାରିକ ସୂଚନା ଦେଇଛନ୍ତି ।

# ପ୍ରଗତି ତରଫରୁ ତୃତୀୟ ବାର୍ଷିକୋତ୍ସବ ଓ ଉତ୍କଳ ଦିବସ ପାଳନ



ରାଉରକେଲା, (ନିପ୍ର) : ସୁନ୍ଦରଗଡ ଜିଲ୍ଲା ବରସୁଆଁ ସ୍ଥିତ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ପ୍ରଗତି ପକ୍ଷରୁ ଏହାର ତୃତୀୟ ବାର୍ଷିକୋତ୍ସବ ଓ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସତ୍ୟନାରାୟଣ ବେହେରାଙ୍କ ଅଧ୍ୟକ୍ଷତା ଓ ସାଧାରଣ ସଂପାଦକ ବସନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟଅତିଥି, ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ମୁଖ୍ୟବକ୍ତା, କବୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ସେଲ ଖଣି ବିଭାଗର ପ୍ରାକ୍ତନ ମହାପ୍ରବନ୍ଧକ ଡ଼ଃ.ଶକ୍ତି ପ୍ରସାଦ ସାମନ୍ତରାୟ, ସମାଜସେବୀ ହରେକୃଷ୍ଣ ପାଢୀ, ବରସୁଆଁ ବିଦ୍ୟାଭାରତୀ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନଚାର୍ଯ୍ୟ ଶଶିଭୂଷଣ ମାହାନ୍ତ, ସରପଂଚ ଏମାରେନ ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ । କବି ଅଶୋକ କୁମାର ରାଉତ ଓ ସ୍ନେହଲତା ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ମାନେ ଉତ୍କଳର ଗରିମାମୟ ଇତିହାସ, ଭାଷା ବ୍ୟବହାର ଉପରେ ଗୁରୁତ୍ୱ, ମହାମନିଷୀ ମାନଙ୍କ ତ୍ୟାଗ, ସାଧନା ଓ ବଳିଦାନ ଓ ଆମ୍ଭମାନଙ୍କ ରାଜ୍ୟ ତଥା ଭାଷା ପ୍ରତି ଉତ୍ତର ଦାୟିତ୍ୱ ସଂପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ରୀ ମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିବା ବେଳେ ଛାତ୍ରୀ ଶ୍ରେୟାରାଣୀ ବେହେରା ଉତ୍କଳ ଦିବସ ସଂପର୍କରେ ବକ୍ତବ୍ୟ ରଖିଥିଲେ । ସ୍ନେହଲତା ପାତ୍ର ଦେଶାତ୍ମକବୋଧ କବିତା ସହ ଦିବଙ୍ଗତ ଲତା ମଙ୍ଗେସକର ଗାଇଥିବା ଶ୍ରାବଣୀ କବିତାଟି ଗାନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ସହ ଉଦ୍ଘୋଷକ, ଗୁରୁ ପ୍ରବିର କୁମାର ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ନଟରାଜ ନୃତ୍ୟ ପରିଷଦର ଛାତ୍ରୀମାନେ ତଥା ବରସୁଆଁ ଅଂଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଓଡିଶୀ ତଥା ଓଡିଶାର ଗରିମାମୟ ସଂପର୍କରେ ନୃତ୍ୟ ପରିବେଷଣ କରି ଦର୍ଶକ ଓ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସହ ସଂପାଦକ ସୁବ୍ରତ କର, ଲଲାଟେନ୍ଦୁ କେଶରୀ ସାସ୍ମଲ, ଇନ୍ଦ୍ର ମିସ୍ତ୍ରୀ, ବିକ୍ରମ ସିଂହ, ବିଶ୍ୱଜିତା ମହାପାତ୍ର, ବିନୟ ସିଂହ ଓ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ସଭାପତି ଶ୍ରୀ ବେହେରା ସଭାପତିତ୍ୱ ଅଭିଭାଷଣ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସଂପାଦକ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ଶସ୍ୟକଳା ପଂଚାୟତ, ଦମାଲୁ, ଭୁତୁଡା, ରାଇକେଲା, ବରସୁଆଁ, ଟିଙ୍କ, ଚୋରଧରା, ଲଙ୍ଗଳକଂଟା, ଟେନସା, ବଙ୍କାବଜାର, ନିଉ ମାର୍କେଟ ଅଂଚଳର ସହସ୍ରାଧିକ ଜନସାଧାରଣ ଏହାକୁ ଉପଭୋଗ କରିଥିଲେ ।

# ସୁନ୍ଦରଗଡ ନିୟନ୍ତ୍ରିତ ବଜାର ପରିଷଦ ସମ୍ପାଦକ ବନମାଳୀ ନାଏକଙ୍କ ଘରେ ଭିଜିଲାନ୍ସର ଚଢ଼ାଉ

ସୁନ୍ଦରଗଡ, (ନିପ୍ର) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ ନିୟନ୍ତ୍ରିତ ବଜାର ପରିଷଦ ସମ୍ପାଦକ ବନମାଳୀ ନାଏକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଥିବା ଜଣାପଡିଛି । ସୁନ୍ଦରଗଡ଼ ଅଫିସ ସମେତ ୫ଟି ସ୍ଥାନରେ ଏକକାଳୀନ ରେଡ ଚାଲିଥିବା ସୂଚନା ରହିଛି । ସୂଚନା ମୁତାବକ, ସୁନ୍ଦରଗଡ ନିୟନ୍ତ୍ରିତ ବଜାର ପରିଷଦ ସମ୍ପାଦକ ବନମାଳୀ ନାଏକଙ୍କ ନାଁରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆସିବା ପରେ ସୁନ୍ଦରଗଡ ଭିଜିଲାନ୍ସ ସ୍ପେସାଲ କୋର୍ଟଙ୍କ ନିର୍ଦ୍ଦେଶରେ ଚଢାଉ କରିଛି ଭିଜିଲାନ୍ସ ଟିମ୍ । ସୁନ୍ଦରଗଡସ୍ଥିତ ଅଫିସ, ସୁନ୍ଦରଗଡ ତଳଶଙ୍କରା ମୌଜାରେ ଦୁଇଟି ୩ ମହଲା ବିଶିଷ୍ଟ ଘର, ସୁନ୍ଦରଗଡ କିଞ୍ଜିରିକେଲା ଥାନା ଅନ୍ତର୍ଗତ କୁକୁରିଡିହିସ୍ଥିତ ପୈତୃକ ଘର, ଲେଫ୍ରିପଡା ସରେଇକେଲାସ୍ଥିତ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସର ଚଢାଉ ଜାରି ରହିଛି । ଏହି ଚଢ଼ାଉରେ ଭିଜିଲାନ୍ସ ଟିମ୍ର ୫ ଜଣ ଡିଏସ୍ପି, ୭ ଜଣ ଇନସ୍ପେକ୍ଟର, ୪ ଜଣ ଏଏସ୍ ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିବା ଜଣାପଡିଛି । ଚଢ଼ାଉ ବେଳେ ବହୁ ଗୁରୁତପୂର୍ଣ୍ଣ କାଗଜ ପତ୍ର ଜବତ କରାଯାଇଛି ।

# ପରୀକ୍ଷା ପେ ଚର୍ଚ୍ଚା ୨୦୨୨ରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନଙ୍କ ସହ ମତ ବିନିମୟ କଲେ ପ୍ରଧାନମନ୍ତ୍ରୀ

- ☐ ବିନା ଚାପରେ ଏକ ଉତ୍ସବର ଉତ୍ସାହ ନେଇ ପରୀକ୍ଷା ଦିଅନ୍ତୁ ।
- ☐ ପ୍ରଯୁକ୍ତିକୁ ଏକ ଚାଲେଞ୍ଜ ଭାବେ ନୁହେଁ ବରଂ ଏକ ସୁଯୋଗ ଭାବେ ଦେଖନ୍ତୁ ।
- ☐ ଜାତୀୟ ଶିକ୍ଷା ନୀତିକୁ ନେଇ ବ୍ୟାପକ ବିଚାରବିମର୍ଶ ହୋଇଛି । ସାରା ଭାରତରେ ଲୋକମାନେ ଏହା ଉପରେ ମାନସମନ୍ଥନ କରିଛନ୍ତି ।
- ☐ ବିଂଶ ଶତାବ୍ଦୀର ଶିକ୍ଷା ବ୍ୟବସ୍ଥା ଏବଂ ବିଚାର ଏକବିଂଶ ଶତାବ୍ଦୀରେ ଆମର ବିକାଶ ଧାରାକୁ ବିବେଚନା କରିପାରିବ ନାହିଁ । ଆମକୁ ସମୟ ସହ ତାଳ ଦେଇ ବଦଳିବାକୁ ପଡିବ ।
- ☐ ଶିକ୍ଷକ ଏବଂ ଅଭିଭାବକମାନଙ୍କର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ଛାତ୍ରଛାତ୍ରୀଙ୍କ ଉପରେ ଲଦି ଦିଆଯାଇ ପାରିବ ନାହିଁ । ପିଲାମାନେ ତାଙ୍କ ନିଜ ସ୍ୱପ୍ନକୁ ସାକାର କରିବା ଦିଗରେ ଆଗେଇବା ଜରୁରି ।
- ☐ ପ୍ରେରଣା ପାଇଁ କୌଣସି ଇଞ୍ଜେକ୍ସନ କିମ୍ବା ସୂତ୍ର ନାହିଁ । ବରଂ, ନିଜକୁ ଭଲ ଭାବେ ଚିହ୍ନନ୍ତୁ ଓ କ'ଣ ଆପଣଙ୍କୁ ଖୁସି ଦେଉଛି ତାହା ଜାଣନ୍ତୁ ଏବଂ ସେହି ଅନୁଯାୟୀ ଆଗକୁ ବଢ଼ନ୍ତୁ ।
- ☐ ଆପଣ ଉପଭୋଗ କରୁଥିବା କାମ କରନ୍ତୁ, ତା'ହେଲେ ଯାଇ ଆପଣ ସର୍ବାଧିକ ପରିଣାମ ପାଇପାରିବେ ।
- ☐ ଆପଣମାନେ ଏକ ସ୍ୱତନ୍ତ୍ର ପିଢ଼ିର ପ୍ରତିନିଧିତ୍ୱ କରୁଛନ୍ତି । ହଁ, ଏଥିରେ ନିଶ୍ଚିତ ଭାବେ ଅଧିକ ପ୍ରତିଦ୍ୱନ୍ଦ୍ୱିତା ରହିଛି କିନ୍ତୁ ଅପାର ସୁଯୋଗ ମଧ୍ୟ ରହିଛି ।
- ☐ ଝିଅମାନେ ପରିବାରର ସାମର୍ଥ୍ୟ । ଜୀବନର ବିଭିନ୍ନ କ୍ଷେତ୍ରରେ ଆମ ନାରୀ ଶକ୍ତି ଉଲ୍ଲେଖନୀୟ ସଫଳତା ହାସଲ କରିବା ଠାରୁ ଭଲ କଥା ଆଉ କ'ଣ ହୋଇପାରେ ।
- ☐ ଅନ୍ୟମାନଙ୍କର ଭଲ ଗୁଣକୁ ସ୍ୱୀକାର କରିବା ଏବଂ ସେଥିରୁ ଶିକ୍ଷା ଲାଭ କରିବାର ସାମର୍ଥ୍ୟ ବିକଶିତ କରନ୍ତୁ ।
- ☐ ଆପଣମାନଙ୍କ ସହିତ ମୁଁ ଯୋଡି ହୋଇଥିବାରୁ ଆପଣମାନଙ୍କ ଆକାଂକ୍ଷା ଓ ସ୍ୱପ୍ନର ଝଲକ ମୁଁ ପାଇପାରୁଛି ଏବଂ ତଦନୁଯାୟୀ ମୋ ଜୀବନକୁ ବଦଳାଇବାକୁ ଚେଷ୍ଟା କରୁଛି । ତେଣୁ, ଏହି କାର୍ଯ୍ୟକ୍ରମ ମୋ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେଉଛି ।



ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମର ପଂଚମ ସଂସ୍କରଣରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନଙ୍କ ସହିତ ମତ ବିନିମୟ କରିଛନ୍ତି । ନୂଆଦିଲ୍ଲୀ ତାଲକଟୋରା ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମତ ବିନିମୟ କାର୍ଯ୍ୟକ୍ରମ ପରିସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରଦର୍ଶନୀକୁ ସେ ବୁଲି ଦେଖିଥିଲେ । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶ୍ରୀମତୀ ଅନ୍ନପୂର୍ଣ୍ଣ ଦେବୀ, ଡକ୍ଟର ସୁଭାଷ ସରକାର, ଡକ୍ଟର ରାଜକୁମାର ରଞ୍ଜନ ସିଂ ଏବଂ ଶ୍ରୀ ରାଜୀବ ଚନ୍ଦ୍ରଶେଖର ସମାରୋହରେ ଉପସ୍ଥିତ ଥିଲେ । ଏମାନଙ୍କ ବ୍ୟତୀତ ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମ ସହ ଯୋଡି ହୋଇଥିଲେ । ପ୍ରଧାନମନ୍ତ୍ରୀ ଏହି ଆଲୋଚନା ସମୟରେ ସମସ୍ତଙ୍କ ସହିତ ଆଗ୍ରହର ସହ, ଉଦାରତାପୂର୍ଣ୍ଣ ମତ ବିନିମୟ କରିଥିଲେ । ପ୍ରଧାନମନ୍ତ୍ରୀ ସମସ୍ତଙ୍କ ସହିତ ଆପୋସ ଆଲୋଚନା କରିଥିଲେ ।

ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗତବର୍ଷ ଏହି କାର୍ଯ୍ୟକ୍ରମ ଭର୍ଚୁଆଲ ମାଧ୍ୟମରେ ହୋଇଥିଲା । ତେବେ ଚଳିତ ଥର ସାନ ସାନ ବନ୍ଧୁମାନଙ୍କ ସହିତ ସିଧାସଳଖ ମତ ବିନିମୟ କରିବା ଲାଗି ତାଙ୍କୁ ସୁଯୋଗ ମିଳିଛି । ଏଥିରେ ପ୍ରଧାନମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ ପରୀକ୍ଷା ପେ ଚର୍ଚ୍ଚା ତାଙ୍କର ପ୍ରିୟ କାର୍ଯ୍ୟକ୍ରମ । ଆସନ୍ତାକାଲି ଠାରୁ ବିକ୍ରମ ସମ୍ବତ ଆରମ୍ଭ ହେଉଥିବା ସେ ଉଲ୍ଲେଖ କରିଥିଲେ । ଆଗକୁ ଆସୁଥିବା ଅନେକ ପର୍ବପର୍ବାଣୀ ପାଇଁ ସେ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମର ପଂଚମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ଏକ ନୂଆ ପରମ୍ପରା ଆରମ୍ଭ କରିଥିଲେ । ସେ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ଅବସରରେ ଯେଉଁ ପ୍ରଶ୍ନଗୁଡିକର ଉତ୍ତର ଦେବା ପାଇଁ ସେ ଗ୍ରହଣ କରିପାରି ନାହାନ୍ତି ସେସବୁ ପ୍ରଶ୍ନର ଉତ୍ତର ନମୋ ଆପ୍ ଜରିଆରେ ଭିଡିଓ, ଅଡିଓ କିମ୍ବା ଟେକ୍ସଟ୍ ମେସେଜ୍ ମାଧ୍ୟମରେ ଦିଆଯିବ ।

ଦିଲ୍ଲୀର ଖୁସି ଜୈନ ପ୍ରଥମ ପ୍ରଶ୍ନ ପଚାରିଥିଲେ । ଛତିଶଗଡ ବିଳାସପୁରର ଛାତ୍ର, ଭଦୋଦରାର କିନି ପଟେଲ ମଧ୍ୟ ପରୀକ୍ଷାକୁ ନେଇ ରହିଥିବା ଭୟ ଏବଂ ଚାପ ବିଷୟରେ ପ୍ରଶ୍ନ କରିଥିଲେ । ପ୍ରଧାନମନ୍ତ୍ରୀ ସେମାନଙ୍କୁ ଭୟଭୀତ କିମ୍ବା ଚାପଗ୍ରସ୍ତ ନହେବା ପାଇଁ ପରାମର୍ଶ ଦେଇଥିଲେ, କାରଣ ଏହା ସେମାନଙ୍କ ପାଇଁ ପ୍ରଥମ ପରୀକ୍ଷା ନୁହେଁ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆପଣମାନେ ଏକ ପ୍ରକାରରେ 'ପରୀକ୍ଷା ପ୍ରତି ସହନଶୀଳ' ହୋଇସାରିଲେଣି । ପୂର୍ବ ପରୀକ୍ଷାରୁ ସେମାନେ ହାସଲ କରିଥିବା ଅଭିଜ୍ଞତା ଭବିଷ୍ୟତର ପରୀକ୍ଷା ପାଇଁ ସେମାନଙ୍କୁ ସହାୟକ ହେବ । ସେମାନେ କେତେକ ବିଷୟ ପଢ଼ିବାକୁ ହୁଏତ' ଭୁଲି ଯାଇଥିବେ, କିନ୍ତୁ ତା'କୁ ନେଇ ସେତେଟା ଚାପଗ୍ରସ୍ତ ହେବା ଉଚିତ୍ ନୁହେଁ ବୋଲି ସେ କହିଥିଲେ । ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପ୍ରସ୍ତୁତିର ସାମର୍ଥ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ଶାନ୍ତ ଓ ସ୍ୱାଭାବିକ ଭାବେ ନିଜର ଦୈନନ୍ଦିନ କାର୍ଯ୍ୟ ଜାରି ରଖିବାକୁ ସେ କହିଥିଲେ । ଅନ୍ୟମାନଙ୍କର ସାମର୍ଥ୍ୟ ସହ ତୁଳନା କରି କୌଣସି ଚେଷ୍ଟା କରିବାରେ କିଛି ଲାଭ ନାହିଁ, ବରଂ ନିଜର ସ୍ୱାଭାବିକ ପ୍ରସ୍ତୁତି ସହ ଆଗକୁ ବଢ଼ିବା ଏବଂ ଶାନ୍ତ ମନୋଭାବ ନେଇ ପରୀକ୍ଷାକୁ ଏକ ଉତ୍ସବ ଭାବେ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

ପରବର୍ତ୍ତୀ ପ୍ରଶ୍ନ ପଚାରିଥିଲେ କର୍ଣ୍ଣାଟକ ମହୀଶୂରର ତରୁଣ । ସେ ପଚାରିଥିଲେ ଯେ, ଅନଲାଇନରେ ୟୁଟ୍ୟୁବ ଭଳି ଅନେକ ଜିନିଷ ଅଛି ଯାହା ଏକାଗ୍ରତା ଭଙ୍ଗ କରିଥାଏ । ଏପରି ସ୍ଥିତିରେ କିଭଳି ଅନଲାଇନ୍ ପାଠପଢ଼ା ଜାରି ରଖି ହେବ? ଦିଲ୍ଲୀର ଶାହିଦ୍ ଅଲ୍ଲୀ, କେରଳ ତିରୁଅନନ୍ତପୁରମ୍‌ର କୀର୍ତ୍ତନ, ତାମିଲନାଡୁ କ୍ରୀଷ୍ଣାଗିରିର ଜଣେ ଶିକ୍ଷକ ଚନ୍ଦ୍ରଚୂଡେଶ୍ୱରନ୍ ମଧ୍ୟ ସମାନ ପ୍ରଶ୍ନ ପଚାରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅନଲାଇନ କିମ୍ବା ଅଫଲାଇନ୍ ମାଧ୍ୟମରେ ପାଠପଢ଼ିବା ସହ କୌଣସି ସମସ୍ୟା ନାହିଁ । ଅଫଲାଇନ୍ ମାଧ୍ୟମରେ ପଢ଼ିବା ସମୟରେ ମଧ୍ୟ ଅନେକ ସମୟରେ ଛାତ୍ରଛାତ୍ରୀ ଅନ୍ୟମନସ୍କ ହୋଇଥାନ୍ତି । କୌଣସି ମାଧ୍ୟମ ନୁହେଁ ବରଂ ଆମ ମାନସିକତାରେ ହିଁ ସମସ୍ୟା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ, ଅନଲାଇନ ହେଉ କିମ୍ବା ଅଫଲାଇନ ମାଧ୍ୟମ, ସବୁବେଳେ ପାଠପଢ଼ା ପ୍ରତି ଧ୍ୟାନ ରହିଲେ, ଆମ ଛାତ୍ରଛାତ୍ରୀଙ୍କୁ ଅନ୍ୟମନସ୍କତା ସମସ୍ୟା ବ୍ୟଥିତ କରିବ ନାହିଁ । ସେ କହିଥିଲେ ଯେ, ଆଗକୁ ନୂଆ ନୂଆ ପ୍ରଯୁକ୍ତି ଆସିବ ଏବଂ ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ନୂଆ ପ୍ରଯୁକ୍ତିକୁ ଗ୍ରହଣ କରିବା ଉଚିତ୍ । ଅଧ୍ୟୟନର ନୂତନ ମାଧ୍ୟମକୁ ଏକ ଚାଲେଞ୍ଜ ଭାବେ ନୁହେଁ ବରଂ ଏକ ସୁଯୋଗ ଭାବେ ଦେଖିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ଅନଲାଇନ ପାଠପଢ଼ା ଆପଣଙ୍କର ଅଫଲାଇନ ପାଠପଢ଼ାରେ ସହାୟକ ହୋଇପାରେ । କୌଣସି ବିଷୟରେ ତଥ୍ୟ ସଂଗ୍ରହ ପାଇଁ ଅନଲାଇନ ଏବଂ ସେହି ବିଷୟରେ ଗଭୀର ଅଧ୍ୟୟନ କରିବା ଏବଂ ତା'କୁ କାର୍ଯ୍ୟରେ ଲଗାଇବା ପାଇଁ ଅଫଲାଇନ ଏକ ମାଧ୍ୟମ ହୋଇପାରେ । ସେ ଡୋସା ପ୍ରସ୍ତୁତିର ଉଦାହରଣ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜଣେ ଅନଲାଇନରୁ ସହଜରେ ଡୋସା ପ୍ରସ୍ତୁତି ଜାଣିପାରିବ, କିନ୍ତୁ ଏହାକୁ ପ୍ରସ୍ତୁତି ଏବଂ ସେବନ କରିବା କାର୍ଯ୍ୟ ଅଫଲାଇନରେ ହିଁ କରିବାକୁ ହେବ । ଭର୍ଚୁଆଲ୍ ଦୁନିଆରେ ବଂଚିବା ତୁଳନାରେ ନିଜ ବିଷୟରେ ଚିନ୍ତା କରିବା ଏବଂ ନିଜ ସହିତ ରହିବାରେ ବହୁତ ଆନନ୍ଦ ରହିଛି ବୋଲି ସେ କହିଥିଲେ ।

ହରିୟାଣା ପାନିପତ୍‌ର ଜଣେ ଶିକ୍ଷୟିତ୍ରୀ ସୁମନ ରାଣୀ ନୂଆ ଜାତୀୟ ଶିକ୍ଷା ନୀତିକୁ ନେଇ ପ୍ରଶ୍ନ କରିଥିଲେ । ସେ ପଚାରିଥିଲେ ଯେ ନୂଆ ଶିକ୍ଷା ନୀତି ନିର୍ଦ୍ଦିଷ୍ଟ ଭାବେ ଛାତ୍ରଛାତ୍ରୀଙ୍କ ଜୀବନ ଓ ସାମଗ୍ରିକ ଭାବେ ସମାଜକୁ କିଭଳି ସଶକ୍ତ କରିବ ଏବଂ ଏହା ନୂତନ ଭାରତ ପାଇଁ କିଭଳି ମାର୍ଗ ପ୍ରଶସ୍ତ କରିବ । ମେଘାଳୟର ପୂର୍ବ ଖାସି ହିଲ୍ସ ଜିଲ୍ଲାର ଶିଲା ମଧ୍ୟ ସମାନ ପ୍ରଶ୍ନ ପଚାରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏହା ହେଉଛି 'ଜାତୀୟ' ଶିକ୍ଷା ନୀତି ଏବଂ ଏହା ଏକ 'ନୂଆ' ଶିକ୍ଷା ନୀତି ନୁହେଁ । ସେ କହିଥିଲେ ଯେ ବିଭିନ୍ନ ଅଂଶୀଦାରମାନଙ୍କ ସହିତ ବ୍ୟାପକ ବିଚାରବିମର୍ଶ ପରେ ଏହି ଶିକ୍ଷାନୀତିର ଚିଠା ପ୍ରସ୍ତୁତ ହୋଇଛି । ଏପରି କରାଯିବା ଏକ ପ୍ରକାର ରେକର୍ଡ । 'ଜାତୀୟ ଶିକ୍ଷା ନୀତିକୁ ନେଇ ବ୍ୟାପକ ବିଚାରବିମର୍ଶ ହୋଇଛି । ସାରା ଭାରତରେ ଲୋକମାନେ ଏହା ଉପରେ ବିଚାରବିମର୍ଶ କରିଛନ୍ତି', ସେ କହିଥିଲେ । ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ, ଏହି ନୀତିକୁ ସରକାର ନୁହନ୍ତି, ବରଂ ଦେଶର ନାଗରିକ, ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ମିଶି ଦେଶର ବିକାଶ ପାଇଁ ପ୍ରସ୍ତୁତ କରିଛନ୍ତି । ସେ କହିଥିଲେ ଯେ, ପୂର୍ବରୁ ଶାରୀରିକ ଶିକ୍ଷା ଏବଂ ପ୍ରଶିକ୍ଷଣକୁ ପାଠ୍ୟ ବର୍ହିଭୂତ ବିଷୟ ଭାବେ ବିବେଚନା କରାଯାଉଥିଲା । କିନ୍ତୁ ଏବେ ଏହାକୁ ଶିକ୍ଷା ବ୍ୟବସ୍ଥାର ଏକ ଅଂଶବିଶେଷ ଭାବେ ଗ୍ରହଣ କରାଯାଇଛି ଏବଂ ଏହି କ୍ଷେତ୍ରକୁ ଏକ ନୂଆ ସମ୍ମାନ ମିଳୁଛି । ସେ କହିଥିଲେ ଯେ, ବିଂଶ ଶତାବ୍ଦୀର ଶିକ୍ଷା ବ୍ୟବସ୍ଥା ଏବଂ ବିଚାର ଏକବିଂଶ ଶତାବ୍ଦୀରେ ଆମର ବିକାଶ ଧାରାକୁ ବିବେଚନା କରିପାରିବ ନାହିଁ । ଆମକୁ ସମୟ ସହ ତାଳ ଦେଇ ବଦଳିବାକୁ ପଡିବ । ପରିବର୍ତ୍ତିତ ବ୍ୟବସ୍ଥା ସହିତ ଯଦି ଆମେ ବଦଳିବା ନାହିଁ ତା'ହେଲେ ଆମେ ପଛରେ ପଡିଯିବା ଏବଂ ପଛୁଆ ରହିଯିବା । ସେ କହିଥିଲେ ଯେ, ବ୍ୟକ୍ତିଗତ ଆକାଂକ୍ଷା ପୂରଣ କରିବା ଲାଗି ଜାତୀୟ ଶିକ୍ଷା ନୀତି ଆମକୁ ସୁଯୋଗ ଦେଇଥାଏ । ଜ୍ଞାନ ସହିତ କୌଶଳ ବିକାଶର ଗୁରୁତ୍ୱ ଉପରେ ପ୍ରଧାନମନ୍ତ୍ରୀ ଜୋର ଦେଇଥିଲେ । ସେ କହିଥିଲେ ଯେ, ଏହି କାରଣରୁ କୌଶଳ ବିକାଶକୁ ଜାତୀୟ ଶିକ୍ଷା ନୀତିର ଏକ ଅଂଶବିଶେଷ ଭାବେ ଗ୍ରହଣ କରାଯାଇଛି । ଜାତୀୟ ଶିକ୍ଷା ନୀତିରେ ବିଷୟବସ୍ତୁ ଚୟନ କରିବାର ସ୍ୱାଧୀନତା ଦିଆଯାଇଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତିକୁ ସଠିକ ଭାବେ ଲାଗୁ କରାଗଲେ ନୂଆ ସୁଯୋଗର ଅନେକ ଅବସର ସୃଷ୍ଟି ହେବ । ଛାତ୍ରଛାତ୍ରୀଙ୍କ ଦ୍ୱାରା ଉଦ୍ଭାବନ ହୋଇଥିବା ନୂଆ ପ୍ରଯୁକ୍ତି କାର୍ଯ୍ୟକାରୀ କରିବା ଲାଗି ନୂଆ ମାର୍ଗ ଖୋଲିବା ନିମନ୍ତେ ସାରା ଦେଶରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସେ ଅନୁରୋଧ କରିଥିଲେ ।

ଉତ୍ତର ପ୍ରଦେଶ ଗାଜିଆବାଦର ରୋଶନୀ ପଚାରିଥିଲେ ଯେ ପରୀକ୍ଷା ଫଳକୁ ନେଇ ପରିବାର ଲୋକଙ୍କ ଆଶା ପୂରଣ କରିବା ସମସ୍ୟା ସହ କିଭଳି ମୁକାବିଲା କରିହେବ । ମାତାପିତାଙ୍କ ଚିନ୍ତାଧାରା ଅନୁରୂପ ଶିକ୍ଷାକୁ ଗମ୍ଭୀରତାର ସହିତ ଗ୍ରହଣ କରିବା ଉଚିତ୍ ନା ଏହାକୁ ଏକ ଉତ୍ସବ ଭାବେ ଉପଭୋଗ କରିବା ଉଚିତ୍ । ପଞ୍ଜାବ ଭଟିଣ୍ଡାର କୀରଣ ପ୍ରୀତ୍ କୌର ମଧ୍ୟ ସମାନ ପ୍ରଶ୍ନ କରିଥିଲେ । ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଶିକ୍ଷକ ଏବଂ ମାତାପିତା ସେମାନଙ୍କର ସ୍ୱପ୍ନକୁ ଛାତ୍ରଛାତ୍ରୀଙ୍କ ଉପରେ ଲଦିଦେବା ଉଚିତ୍ ନୁହେଁ । 'ଶିକ୍ଷକ ଏବଂ ଅଭିଭାବକମାନଙ୍କର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ଛାତ୍ରଛାତ୍ରୀଙ୍କ ଉପରେ ଲଦି ଦିଆଯାଇ ପାରିବ ନାହିଁ । ପିଲାମାନେ ତାଙ୍କର ନିଜ ସ୍ୱପ୍ନକୁ ସାକାର କରିବା ଦିଗରେ ଆଗେଇବା ଜରୁରି', ପ୍ରଧାନମନ୍ତ୍ରୀ କହିଥିଲେ । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ଏକ ସ୍ୱତନ୍ତ୍ର ସାମର୍ଥ୍ୟ ରହିଛି ଏବଂ ମାତାପିତା ଓ ଶିକ୍ଷକମାନେ ଏହି ସାମର୍ଥ୍ୟକୁ ଉଜାଗର କରିବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀ ନିଜ ସାମର୍ଥ୍ୟକୁ ଚିହ୍ନିବା ସହିତ ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ବିଭିନ୍ନ ବାଧା ରହିଥିବା ସମୟରେ କିଭଳି ପ୍ରେରଣା ହାସଲ କରିବାକୁ ହେବ ଏବଂ ସଫଳତା ମିଳିପାରିବ ସେ ସମ୍ପର୍କରେ ଦିଲ୍ଲୀର ବୈଭବ କନୌଜ ପ୍ରଶ୍ନ କରିଥିଲେ । ସେହିପରି ଏକ ସମାନ ବିଷୟକୁ ନେଇ ଓଡିଶାର ଜଣେ ଅଭିଭାବକ ସୁଜିତ କୁମାର ପ୍ରଧାନ, ଜୟପୁରର କୋମଲ ଶର୍ମା ଏବଂ ଦୋହାର ଆରୋନ୍ ଏବେନ୍ ପ୍ରଶ୍ନ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, 'ପ୍ରେରଣା ପାଇଁ କୌଣସି ଇଞ୍ଜେକ୍ସନ କିମ୍ବା ସୂତ୍ର ନାହିଁ । ବରଂ, ନିଜକୁ ଭଲ ଭାବେ ଚିହ୍ନନ୍ତୁ ଓ କ'ଣ ଆପଣଙ୍କୁ ଖୁସି ଦେଉଛି ତାହା ଜାଣନ୍ତୁ ଏବଂ ସେହି ଅନୁଯାୟୀ ଆଗକୁ ବଢ଼ନ୍ତୁ ।'

ସ୍ୱାଭାବିକ ଭାବେ ସେମାନଙ୍କୁ ଅନୁପ୍ରାଣିତ କରୁଥିବା ଜିନିଷ ଚିହ୍ନଟ କରିବା ଲାଗି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ପ୍ରକ୍ରିୟାରେ ସ୍ୱାଧୀନତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ନିଜର ସଙ୍କଟ ସମୟରେ ସହାନୁଭୂତି ହାସଲ କରିବା ପାଇଁ ଚେଷ୍ଟା ନକରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆପଣମାନେ ନିଜ ଚତୁଃପାର୍ଶ୍ୱକୁ ଦେଖନ୍ତୁ । କିଭଳି ଅନ୍ୟ ପିଲାମାନେ, ଦିବ୍ୟାଙ୍ଗମାନେ ଓ ପ୍ରକୃତି ନିଜର ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରୁଛନ୍ତି ତାହା ଅନୁଧ୍ୟାନ କରନ୍ତୁ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆମ ଚାରି ପାଖରେ ଅନେକ ଘଟଣା ଘଟୁଛି । ସେଥିରେ ରହିଥିବା ପ୍ରୟାସ ଓ ସାମର୍ଥ୍ୟ ଆମକୁ ଅନୁଧ୍ୟାନ କରିବାକୁ ହେବ ଏବଂ ସେଥିରୁ ପ୍ରେରଣା ନେବାକୁ ହେବ । ସେ ତାଙ୍କ ପୁସ୍ତକ ଏକ୍‌ଜାମ ୱାରିଅର୍ସ ବିଷୟରେ ଉଲ୍ଲେଖ କରିଥିଲେ । 'ପରୀକ୍ଷା'କୁ ପତ୍ର ଲେଖିବା ଏବଂ ନିଜର ସାମର୍ଥ୍ୟ ଓ ପ୍ରସ୍ତୁତିକୁ ନେଇ ପରୀକ୍ଷାର ମୁକାବିଲା କରିବା ଦ୍ୱାରା ଜଣେ କିଭଳି ପ୍ରେରଣା ହାସଲ କରିପାରିବ ତାହା ପ୍ରଧାନମନ୍ତ୍ରୀ କହିଥିଲେ ।

ତେଲଙ୍ଗାନା ଖମମର ଅନୁଶା କହିଥିଲେ ଯେ ଶିକ୍ଷକ ପାଠ ପଢ଼ାଇବା ବେଳେ ସେ କୌଣସି ବିଷୟକୁ ଭଲ ଭାବେ ବୁଝି ପାରୁଛନ୍ତି କିନ୍ତୁ କିଛି ସମୟ ପରେ ତାହା ଭୁଲି ଯାଉଛନ୍ତି । ଏହି ସମସ୍ୟା ସହ କିପରି ମୁକାବିଲା କରିବାକୁ ହେବ ସେ ପ୍ରଶ୍ନ କରିଥିଲେ । ନମୋ ଆପ୍ ମାଧ୍ୟମରେ ଗାୟତ୍ରୀ ସାକ୍‌ସେନା ମଧ୍ୟ ସ୍ମରଣଶକ୍ତି ଓ ବୁଝିବା କ୍ଷମତା ବିଷୟରେ ପ୍ରଶ୍ନ ପଚାରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ସମ୍ପୂର୍ଣ୍ଣ ଧ୍ୟାନ ଦେଇ ପଢ଼ିଥିବା ବିଷୟ କେବେ ହେଲେ ଭୁଲି ହେବ ନାହିଁ । ବର୍ତ୍ତମାନରେ ସବୁବେଳେ ଉପସ୍ଥିତ ରହିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ବର୍ତ୍ତମାନର ସ୍ଥିତି ପ୍ରତି ଧ୍ୟାନ କେନ୍ଦ୍ରିତ କରିବା ଦ୍ୱାରା ସେମାନେ ପାଠ ଭଲ ଭାବେ ଶିଖିପାରିବେ ଏବଂ ମନେ ରଖିପାରିବେ । ସେ କହିଥିଲେ ଯେ, ବର୍ତ୍ତମାନ ହେଉଛି ସବୁଠୁ ବଡ 'ଉପସ୍ଥିତି' ଏବଂ ବର୍ତ୍ତମାନକୁ ନେଇ ବଂଚୁଥିବା ଏବଂ ଏହାକୁ ବୁଝିବା ଲୋକ ଜୀବନରେ ସବୁବେଳେ ସର୍ବୋତ୍ତମ ପରିଣାମ ପ୍ରାପ୍ତ କରିଥାଏ । ସ୍ମୃତି ଶକ୍ତିର ସମ୍ପତ୍ତିକୁ ସାଇତି ରଖିବା ଏବଂ ଏହାକୁ ବିସ୍ତାରିତ କରିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ସେ ମଧ୍ୟ କହିଥିଲେ ଯେ, କୌଣସି କଥା ମନେ ରଖିବା ପାଇଁ ସ୍ଥିର ମସ୍ତିଷ୍କ ସବୁଠୁ ବଡ ଆବଶ୍ୟକତା ।

ଝାଡଖଣ୍ଡର ଶ୍ୱେତା କୁମାରୀ କହିଥିଲେ ଯେ ରାତିରେ ପାଠ ପଢ଼ିବା ଲାଗି ସେ ପସନ୍ଦ କରିଥାନ୍ତି କିନ୍ତୁ ତାଙ୍କୁ ଦିନରେ ପଢ଼ିବା ପାଇଁ କୁହାଯାଏ । ପାଠପଢ଼ାର ଉପଯୁକ୍ତ ସମୟକୁ ନେଇ ନମୋ ଆପ୍ ଜରିଆରେ ରାଘବ ଯୋଶୀ ମଧ୍ୟ ପ୍ରଶ୍ନ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜଣଙ୍କ ପ୍ରୟାସ ଏବଂ ସମୟ କିଭଳି ବିନିଯୋଗ ହୋଇଛି ତାହାର ମୂଲ୍ୟାୟନ କରିବା ଭଲ କଥା । ଫଳାଫଳ ଏବଂ ପରିଣାମକୁ ବିଶ୍ଳେଷଣ କରିବାର ଏହି ଅଭ୍ୟାସ ଶିକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ସେ କହିଥିଲେ ଯେ, ଆମକୁ ସହଜ ଲାଗୁଥିବା ଏବଂ ଆଗ୍ରହର ବିଷୟରେ ଆମେ ଅଧିକାଂଶ ସମୟ ଦେଇଥାଉ । 'ମନ, ମସ୍ତିଷ୍କ ଏବଂ ଶରୀରର ଠକାମି' ଉପରେ ନିୟନ୍ତ୍ରଣ ହାସଲ କରିବାକୁ ହେଲେ ଆମକୁ ନିରନ୍ତର ପ୍ରୟାସ କରିବାକୁ ହେବ । 'ଆପଣ ଉପଭୋଗ କରୁଥିବା କାମ କରନ୍ତୁ, ତା'ହେଲେ ଯାଇ ଆପଣ ସର୍ବାଧିକ ପରିଣାମ ପାଇପାରିବେ', ପ୍ରଧାନମନ୍ତ୍ରୀ କହିଥିଲେ ।

ଜମ୍ମୁ ଓ କଶ୍ମୀର ଉଧମପୁରର ଏରିକା ଜର୍ଜ ପଚାରିଥିଲେ ଯେ ଯେଉଁ ଲୋକମାନେ ଜ୍ଞାନୀ କିନ୍ତୁ କୌଣସି କାରଣରୁ ସଠିକ୍ ପରୀକ୍ଷା ଦେଇପାରିନାହାନ୍ତି ସେମାନଙ୍କ ପାଇଁ କ'ଣ କରାଯାଇପାରିବ । ଗୌତମ ବୁଦ୍ଧ ନଗରର ହରି ଓମ୍ ମିଶ୍ରା ପଚାରିଥିଲେ ଯେ ସେମାନେ କିଭଳି ଭାବେ ପ୍ରତିଯୋଗିତାମୂଳକ ପରୀକ୍ଷାର ଆବଶ୍ୟକତା ଏବଂ ବୋର୍ଡ ପରୀକ୍ଷା ପାଇଁ ପାଠପଢ଼ାକୁ ଏକ ସଙ୍ଗେ ତୁଲାଇ ପାରିବେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ପରୀକ୍ଷା ପାଇଁ ପଢ଼ିବା ଭୁଲ କଥା । ସେ କହିଥିଲେ ଯେ ଯଦି ଜଣେ ବିଦ୍ୟାର୍ଥୀ ସମ୍ପୂର୍ଣ୍ଣ ଧ୍ୟାନର ସହକାରେ ନିଜର ପାଠ୍ୟ ବିଷୟ ପଢ଼ନ୍ତି ତା'ହେଲେ ଭିନ୍ନ ଭିନ୍ନ ପରୀକ୍ଷା ପାଇଁ କୌଣସି ସମସ୍ୟା ଦେଖା ଦେଇନଥାଏ । ପରୀକ୍ଷାରେ ପାସ୍ କରିବା ବଦଳରେ କୌଣସି ବିଷୟରେ ଦକ୍ଷତା ହାସଲ କରିବା ପାଇଁ ଲକ୍ଷ୍ୟ ରଖି ପାଠ ପଢ଼ିବା ଉଚିତ୍ ବୋଲି ସେ କହିଥିଲେ । ସେ ଆହୁରି ଯେ କ୍ରୀଡାବିତ୍‌ମାନଙ୍କୁ କ୍ରୀଡା ପାଇଁ ପ୍ରଶିକ୍ଷଣ ଦିଆଯାଇଥାଏ, ପ୍ରତିଯୋଗିତା ପାଇଁ ନୁହେଁ । ସେ କହିଥିଲେ, 'ଆପଣମାନେ ଏକ ସ୍ୱତନ୍ତ୍ର ପିଢ଼ିର ପ୍ରତିନିଧିତ୍ୱ କରୁଛନ୍ତି । ହଁ, ଏଥିରେ ନିଶ୍ଚିତ ଭାବେ ଅଧିକ ପ୍ରତିଦ୍ୱନ୍ଦ୍ୱିତା ରହିଛି କିନ୍ତୁ ଅପାର ସୁଯୋଗ ମଧ୍ୟ ରହିଛି ।' ପ୍ରତିଯୋଗିତାକୁ ସେମାନଙ୍କର ସମୟର ସବୁଠୁ ମହାନ ଉପହାର ଭାବେ ଗ୍ରହଣ କରିବା ଲାଗି ସେ ଛାତ୍ରଛାତ୍ରୀଙ୍କୁ କହିଥିଲେ ।

ଗ୍ରାମୀଣ ବାଳିକାମାନଙ୍କ ଉନ୍ନତିକରଣ ପାଇଁ ସମାଜ କିଭଳି ଯୋଗଦାନ ଦେଇପାରିବ ସେ ସମ୍ପର୍କରେ ଗୁଜରାଟ ନବସାରୀର ଜଣେ ଅଭିଭାବକ ସୀମା ଚେତନ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ । ଶ୍ରୀ ମୋଦୀ କହିଥିଲେ ଯେ, ପୂର୍ବରୁ ବାଳିକମାନଙ୍କ ଶିକ୍ଷାଦାନ ପ୍ରତି ଅଣଦେଖା କରାଯାଉଥିଲା ।

(ଷଷ୍ଠ ପୃଷ୍ଠା ଦେଖନ୍ତୁ)

# ବସ୍ତି ଆଇନ ସଂଶୋଧନକୁ ସ୍ୱାଗତ କଲା ଓଡ଼ିଶା ବସ୍ତି ସଂଘର୍ଷ ସମିତି

## ବସ୍ତି ୱେଲଫେୟାର୍ ବୋର୍ଡ ଗଠନ କରାଯାଉ : ପ୍ରତାପ ସାହୁ

ଭୁବନେଶ୍ୱର, (ନିପ୍ର) : ବିଧାନସଭାରେ ବସ୍ତି ଆଇନ ୨୦୦୩ ସଂଶୋଧନକୁ ସ୍ୱାଗତ କରିଛନ୍ତି ଓଡ଼ିଶା ବସ୍ତି ସଂଘର୍ଷ ସମିତିର ପ୍ରତିଷ୍ଠାତା ପ୍ରତାପ କୁମାର ସାହୁ । ଶ୍ରୀ ସାହୁ କହିଛନ୍ତି ଯେ, ଦୀର୍ଘ ବର୍ଷ ହେବ ବସ୍ତି ବାସିନ୍ଦାମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଉ ବୋଲି ଦାବୀ କରାଯାଇଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ବସ୍ତି ଆଇନ ସଂଶୋଧନ କରିଥିବାରୁ ଶ୍ରୀ ସାହୁ ଉଭୟଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହି ସଂଶୋଧନ ଆଇନରେ ଏନ୍ଏସିରେ ଓ ମ୍ୟୁନିସିପାଲିଟିରେ ଥିବା ବସ୍ତି ବାସିନ୍ଦାମାନଙ୍କୁ ଜାଗା ଯୋଗାଇ ଦିଆଯିବ ବୋଲି ପୂର୍ବରୁ ଘୋଷଣା କରିଥିଲେ । କିନ୍ତୁ ସରକାର ୫ଟି ମହାନଗର ନିଗମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ଥିବା ବସ୍ତି ବାସିନ୍ଦାଙ୍କ ପାଇଁ ୩୦ ବର୍ଗ ମିଟର ଜାଗା ଯୋଗାଇ ଦେବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ଘରେ ଯୋଗାଇ ଦେବେ ବୋଲି ମନ୍ତ୍ରୀ ମହୋଦୟ ଘୋଷଣା କରିଛନ୍ତି ।

ଏତଦ୍‌ବ୍ୟତୀତ ସରକାରଙ୍କ ନିର୍ଦ୍ଧାରିତ ସମୟ ପୂର୍ବରୁ ଯିଏ ଘର ତିଆରି ଶେଷ କରିବ, ସେମାନଙ୍କୁ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଏହି ଆଇନରେ ପାରିତ ହୋଇଥିବାରୁ ବସ୍ତି ବାସିନ୍ଦାମାନେ ଖୁସିବ୍ୟକ୍ତ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଓଡ଼ିଶା ବସ୍ତି ସଂଘର୍ଷ ସମିତିର ଦୀର୍ଘ ବର୍ଷ ଲଢ଼େଇର ଏହା ସଫଳତା । ଏହାଦ୍ୱାରା ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ପାଖରେ ବସ୍ତି ୱେଲଫେୟାର ବୋର୍ଡ ଗଠନ କରାଯାଉ ବୋଲି ଦାବୀ କରିଛନ୍ତି ।

# ବର୍ଣ୍ଣାଳି ସଂଗଠନର ସାଧାରଣ ପରିଷଦ ବୈଠକ



ବଲାଙ୍ଗିର, (ନିପ୍ର) : ଜିଲ୍ଲାର ଏକ ଅଗ୍ରଣୀ କଳା ଓ ସାମାଜିକ ସାଂସ୍କୃତିକ ସଂଗଠନ 'ବର୍ଣ୍ଣାଳି'ର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଶ୍ରମିକ ମଙ୍ଗଳ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରିଥିଲେ ସଭାପତି ପ୍ରଭାକର ମିଶ୍ର, ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ ସଂପାଦକ ବାସୁଦେବ ମେହେରେ ଓ ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ କୋଷାଧ୍ୟକ୍ଷ ସୁନିଲ ଚନ୍ଦ୍ର ବିଶ୍ୱାଳ । ଆଗାମୀ ମେ' ମାସରେ ସଂଗଠନର ବାର୍ଷିକ ଉତ୍ସବ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ଉକ୍ତ ଉତ୍ସବରେ ଡ୍ରାମା, ନାଚ, ଗୀତ, ସଂଗୀତ ଓ ଚିତ୍ରକଳା ପ୍ରଦର୍ଶନୀ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଏଥିପାଇଁ ବିଭିନ୍ନ କମିଟି ଯଥା ସଂବର୍ଦ୍ଧନା କମିଟି, ଅର୍ଥ କମିଟି, ସାଂସ୍କୃତିକ କମିଟି, ପରିଚାଳନା କମିଟି ଇତ୍ୟାଦି ଗଠନ କରାଯାଇଛି । ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ମୁଖ୍ୟ ଉପଦେଷ୍ଟା ପଦ୍ମ ଚରଣ ଆଚାର୍ଯ୍ୟ, ଉପଦେଷ୍ଟା ବୃନ୍ଦ ଶୁଭ୍ରାଂଶୁ ମିଶ୍ର, ବ୍ରଜ କିଶୋର ପଣ୍ଡା, ମଳୟ ତ୍ରିପାଠୀ, ନୀଳାଂଚଳ ଚିରଗୁନ ଓ ପ୍ରଫୁଲ୍ଲ ମେହେର, ଉପ-ସଭାପତି କପିଳେଶ୍ୱର ଖମାରୀ, ଯୁଗ୍ମ ସଂପାଦକ ଅଶୋକ କୁମାର ଚାନ୍ଦ, ସଭ୍ୟମାନେ ଆର୍ତ୍ତତ୍ରାଣ ବାଗ, ବିକାଶ ଷଡଙ୍ଗୀ, ଅନୁପ କୁମାର ମିଶ୍ର, ପ୍ରଦୀପ କୁମାର ବରାଳ, ସନ୍ତୋଷ କୁମାର ହୋତା, ଚନ୍ଦ୍ରମା ହୋତା ପ୍ରମୁଖ । ଶେଷରେ ଉପଦେଷ୍ଟା ବ୍ରଜ କିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅପ୍ରେଲ-୨,୨୦୨୨-(ଚୈତ୍ର ଶୁକ୍ଳ ପ୍ରତିପଦା)- ଜନ୍ମ ଜୟନ୍ତୀ ଉପଲକ୍ଷେ
# ମହାନ ସ୍ୱାଧୀନତା ସଂଗ୍ରାମୀ ଡ. ହେଡ଼ଗେୱାର

## ସର୍ବେଶ୍ୱର ବେହେରା

ଭାରତୀୟ ସାମାଜିକ, ରାଜନୈତିକ, ଶୈକ୍ଷିକ ଓ ସାଂସ୍କୃତିକ ଜଗତରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ତାର ଲକ୍ଷ୍ୟ-ସିଦ୍ଧାନ୍ତ-କାର୍ଯ୍ୟପଦ୍ଧତି ଏବେ ବହୁଚର୍ଚ୍ଚିତ ହୋଇଛି । କୌଣସି ସଙ୍ଗଠନର ସାମାଜିକ, ଦର୍ଶନ, ରାଜନୈତିକ ଦୃଷ୍ଟିକୋଣ ସଙ୍ଗଠନାତ୍ମକ ସଂସ୍କୃତିକୁ ହୃଦବୋଧ କରିବା ପାଇଁ ସେହି ସଙ୍ଗଠନର ପ୍ରତିଷ୍ଠାତାଙ୍କ ଜୀବନୀ ଓ ବୈଚାରିକ ଦିଗରେ ସମ୍ବନ୍ଧରେ ଜାଣିବା ଆବଶ୍ୟକ । ସଂଘ ତାର ସମକାଳୀନ ହିନ୍ଦୁ ସଙ୍ଗଠନଠାରୁ କିପରି ଭିନ୍ନ ଥିଲା, ତା'ର ବୈଚାରିକ ପୃଷ୍ଠଭୂମି ଓ ବୌଦ୍ଧିକ ଦୃଷ୍ଟିକୋଣର ମର୍ମକୁ ଡ. ହେଡ଼ଗେୱାରଙ୍କ ଜୀବନ ପ୍ରସଙ୍ଗ ଏବଂ ସମଗ୍ର ଦୃଷ୍ଟିକୋଣ ନ ଜାଣିଲେ ହୃଦୟଙ୍ଗମ କରିହେବ ନାହିଁ । ସଂଘର ବୈଚାରିକ ସିଦ୍ଧାନ୍ତ ସହିତ ତା'ର ପ୍ରତିଷ୍ଠାତାଙ୍କ ଜୀବନୀ ଓ ବିଚାର ପ୍ରତି ଅଜ୍ଞାନତା ଅନେକ ବିଭ୍ରାନ୍ତି ସୃଷ୍ଟି କରୁଛି । ଏଥିପାଇଁ କୌଣସି ବିଚାରର ପ୍ରକୃତ ମୂଲ୍ୟାଙ୍କନ ହୋଇପାରୁ ନାହିଁ । ଡ. ହେଡ଼ଗେୱାରଙ୍କ ସମ୍ବନ୍ଧରେ ମଧ ବିଭିନ୍ନ ପ୍ରକାର ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଛି । ତନ୍ମଧ୍ୟରୁ ତାଙ୍କର ସ୍ୱାଧୀନତା ସଂଗ୍ରାମରେ ଅଲିପ୍ତ ରହିବା ମୁଖ୍ୟ ବିଷୟ । ଏହା ସଂଘ ପ୍ରତି ଅସୂୟା ପ୍ରଣୋଦିତ ହୋଇଥିବା ବ୍ୟକ୍ତିମାନଙ୍କର ଦୁଷ୍ପ୍ରଚାର । ଡ. ହେଡ଼ଗେୱାର ୧୮୮୯ ମସିହା ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ଏପ୍ରିଲ ୧ ତାରିଖରେ ମହାରାଷ୍ଟ୍ରର ନାଗପୁରରେ ଜନ୍ମଗ୍ରହଣ କରିଥିଲେ । ସେ ବାଲ୍ୟକାଳରୁ ଦେଶଭକ୍ତ ଥିଲେ । ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ବନ୍ଦେ ମାତରମ୍ ଆନ୍ଦୋଳନରେ ସକ୍ରିୟ ହୋଇ ବିଦ୍ୟାଳୟରୁ ବହିଷ୍କୃତ ହୋଇଥିଲେ । ପରେ ସେ କୋଲକାତାଠାରେ ଡାକ୍ତରୀ ବିଦ୍ୟା ଶିକ୍ଷା କରୁଥିବା ସମୟରେ ବିଶିଷ୍ଟ ବୈପ୍ଳବିକ ସଙ୍ଗଠନ 'ଅନୁଶୀଳନ ସମିତି'ର ସକ୍ରିୟ ସଦସ୍ୟ ହୋଇଥିଲେ । ନିଜର ଛଦ୍ମନାମ 'କୋକେନ' ରଖି ସେ ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର କାର୍ଯ୍ୟାନୁଷ୍ଠାନ କରିଥିଲେ । ବୈପ୍ଳବିକ କାର୍ଯ୍ୟ ସହିତ ଡାକ୍ତରୀ ବିଦ୍ୟା ମଧ ସମାନ୍ତରାଳ ଭାବେ ଜାରି ରଖିଥିଲେ । ୧୯୧୪ ମସିହାରେ ସେ କୃତିତ୍ୱର ସହିତ ଏମ.ବି.ବିଏସ ଉତୀର୍ଣ୍ଣ ହୋଇଥିଲେ । ଢ଼ାକାଠାରେ ତାଙ୍କୁ ସରକାରୀ ଡାକ୍ତରୀ ପଦବୀ ପାଇଁ ନିଯୁକ୍ତିପତ୍ର ଆସିଥିଲା । ତାହାକୁ ସେ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରି ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ । ଡ. ହେଡ଼ଗେୱାର ନାଗପୁରକୁ ପ୍ରତ୍ୟାବର୍ତ୍ତନ କରି ତତ୍କାଳୀନ ଜାତୀୟ କଂଗ୍ରେସର ସଦସ୍ୟ ଓ କାର୍ଯ୍ୟକର୍ତ୍ତା ହୋଇ କାର୍ଯ୍ୟ କରିଥିଲେ । ତାଙ୍କର ସଙ୍ଗଠନ କଳା, ବାକ୍‌ପଟୁତା ଓ କାର୍ଯ୍ୟଦକ୍ଷତା ଯୋଗୁଁ ସେ କଂଗ୍ରେସରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିଥିଲେ । ୧୯୨୦ ମସିହା ଡିସେମ୍ବର ୨୦ ତାରିଖରେ କଂଗ୍ରେସର ବିଂଶତମ ଅଧିବେଶନ ନାଗପୁରଠାରେ ହୋଇଥିଲା । ସେହିବର୍ଷ ଅଗଷ୍ଟ-୧ ତାରିଖରେ ମହାରାଷ୍ଟ୍ରର ଅଦ୍ୱିତୀୟ କଂଗ୍ରେସ ନେତା ବାଳ ଗଙ୍ଗାଧର ତିଳକଙ୍କ ଦେହାନ୍ତ ହୋଇଥିଲା । ତିଳକଙ୍କ ପରି ଜଣେ ବୈପ୍ଳବିକ ନେତା କଂଗ୍ରେସର "ସଭାପତି ଆସନ ଅଳଙ୍କୃତ କରନ୍ତୁ, ଏହା ଡ. ହେଡ଼ଗେୱାରଙ୍କ ଇଚ୍ଛା ଥିଲା । ଏଣୁ ସେ ନାଗପୁର କଂଗ୍ରେସରେ ମହାଯୋଗୀ ଅରବିନ୍ଦଙ୍କୁ କଂଗ୍ରେସର ଅଧକ୍ଷ ପଦଭାର ଅଳଙ୍କୃତ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ସମସ୍ତେ ଏହାକୁ ଅନୁମୋଦନ କରିଥିଲେ । ଡ. ହେଡ଼ଗେୱାର ଓ ଡ. ମୁଞ୍ଜେ ପଣ୍ଡିଚେରୀ ଆଶ୍ରମ ଯାଇ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ କରି କଂଗ୍ରେସର ପଦଭାର ଅଳଙ୍କୃତ କରିବା ପାଇଁ ଅନୁରୋଧ କରିଥିଲେ । ୧୯୧୦ ମସିହାରୁ ଶ୍ରୀ ଅରବିନ୍ଦ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇ ପଣ୍ଡିଚେରୀଠାରେ ସାଧନା କରୁଥିଲେ । ଶ୍ରୀ ଅରବିନ୍ଦ ଡ. ହେଡ଼ଗେୱାରଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ଓ ସେ ପୁନଃ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିବେ ନାହିଁ ବୋଲି କହିଥିଲେ । ଡ. ହେଡ଼ଗେୱାରଙ୍କ ଏହି ପଦକ୍ଷେପ ତତ୍କାଳୀନ କଂଗ୍ରେସ ପାଇଁ ମାଇଲଖୁଂଟ ସାବ୍ୟସ୍ତ ହୋଇଥିଲା । ଯଦି ଶ୍ରୀ ଅରବିନ୍ଦ ସକ୍ରିୟ ରାଜନୀତିକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତେ ତେବେ କଂଗ୍ରେସର ଦୃଶ୍ୟପଟ୍ଟ ପରିବର୍ତ୍ତନ ହୋଇଥାନ୍ତା । ନାଗପୁର କଂଗ୍ରେସ ଅଧିବେଶନରେ ଡ. ହେଡ଼ଗେୱାର ପ୍ରସ୍ତାବ ସମିତିର ସଦସ୍ୟ ଥିଲେ । ସେ ଦୁଇଟି ପ୍ରସ୍ତାବ ଆଗତ କରିବା ପାଇଁ ପ୍ରଚେଷ୍ଟା କରିଥିଲେ । ପ୍ରଥମରେ ଇଂରେଜ କବଳରୁ ଭାରତକୁ ମୁକ୍ତ କରି ଗଣତନ୍ତ୍ର ପ୍ରତିଷ୍ଠା କରିବା ଓ ଦ୍ୱିତୀୟରେ ସମଗ୍ର ବିଶ୍ୱରେ ପୁଞ୍ଜିବାଦ ସମାପ୍ତ କରିବା । କିନ୍ତୁ ଦୁର୍ଭାଗ୍ୟର କଥା ଏହି ଦୁଇଟି ପ୍ରସ୍ତାବକୁ କଂଗ୍ରେସର କାର୍ଯ୍ୟ ସମିତି ସ୍ୱୀକାର କରିନଥିଲା । ୧୯୨୧ ମସିହାରେ ଇଂରେଜମାନେ ଡ. ହେଡ଼ଗେୱାରଙ୍କୁ ରାଜଦ୍ରୋହ ଅପରାଧରେ ଗିରଫ କରିଥିଲେ । ତାଙ୍କ ଉପରେ ଫୌଜଦାରୀ ଦଣ୍ଡ ସଂହିତା ଧାରା ୧୦୮ ଅନ୍ତର୍ଗତ ମୋକଦ୍ଦମା ରୁଜୁ କରାଯାଇଥିଲା । କଂଗ୍ରେସର ବିଦର୍ଭ ପ୍ରାନ୍ତର ସାଧାରଣ ସମ୍ପାଦକ ରୂପେ ସେ ଇଂରେଜ ବିରୁଦ୍ଧରେ ସାଧାରଣ ସଭାଗୁଡ଼ିକରେ ଯେଉଁ ଭାଷଣ ଦେଇଥିଲେ ତାହା ରାଜଦ୍ରୋହ ରୂପେ ପରିଗଣିତ ହୋଇଥିଲା । ନ୍ୟାୟାଳୟରେ ସେ କୌଣସି ଓକିଲ ନିଯୁକ୍ତ ନ କରି ନିଜେ ଜବାବ ସୁଆଲ କରିଥିଲେ । ଇଂରେଜ ବିଚାରପତି ସ୍ମେଲିଙ୍କ ଅଦାଲତରେ ସେ ନିଜ ସପକ୍ଷରେ ଯୁକ୍ତି ରଖି ଇଂରେଜମାନଙ୍କ ବିରୁଦ୍ଧରେ ଯେଉଁ କଟାକ୍ଷ କରିଥିଲେ ତାହା ଶୁଣି ବିଚାରପତି ସ୍ମେଲି ଚକିତ ହୋଇଯାଇଥିଲେ । ଇଂରେଜ ବିଚାରପତି ନିଜ ରାୟରେ ଘୋଷଣା କରିଥିଲେ ଯେ ଡ. ହେଡ଼ଗେୱାରଙ୍କ ଭାଷଣ ଶୁଣିବା ପରେ ମନେ ହେଉଛି ତାଙ୍କ ବିରୋଧରେ ରାଜଦ୍ରୋହ ମୋକଦ୍ଦମା ରୁଜୁ ହେବା ଯଥାର୍ଥ । ଏଣୁ ସେ ଅଗଷ୍ଟ ୧୯ ତାରିଖ ଦିନ ଡ.ହେଡ଼ଗେୱାରଙ୍କୁ ଏକବର୍ଷ ସଶ୍ରମ କାରାବାସ ଦଣ୍ଡ ଘୋଷଣା କରିଥିଲେ । ଡ. ହେଡ଼ଗେୱାର ମଧ୍ୟପ୍ରାନ୍ତର ତତ୍କାଳୀନ ସମସ୍ତ ବିଚାର ପ୍ରବାହରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ୧୯୨୪ ମସିହାରେ ସେ ନାଗପୁରରୁ 'ସ୍ୱାତନ୍ତ୍ର' ନାମକ ପତ୍ରିକାର ସମ୍ପାଦକ ରୂପେ ନିଯୁକ୍ତ ହୋଇଥିଲେ । ତାଙ୍କର ସମ୍ପାଦନାରେ ସ୍ୱାତନ୍ତ୍ର ପତ୍ରିକାରେ ବିପ୍ଳବୀମାନଙ୍କୁ ପ୍ରଶଂସା ଓ ଇଂରେଜମାନଙ୍କ ଅତ୍ୟାଚାରର କାହାଣୀ ନିୟମିତ ପ୍ରକାଶ ପାଇଲା । ଫଳରେ ଇଂରେଜମାନଙ୍କ କୋପଦୃଷ୍ଟିର ଶିକାର 'ସ୍ୱାତନ୍ତ୍ର୍ୟ' ହେଲା । ସମ୍ବାଦପତ୍ର କାର୍ଯ୍ୟାଳୟକୁ ସିଲ କରିଦିଆଗଲା । କିନ୍ତୁ ନାଗପୁରର ଜନସାଧାରଣ ଡ. ହେଡ଼ଗେୱାରଙ୍କୁ ସାଲିସବିହୀନ ନେତା ଓ ସାମ୍ରାଜ୍ୟବାଦ ବିରୋଧୀର ପ୍ରଖର ପ୍ରବକ୍ତା ରୂପେ ପରିଗଣିତ କରୁଥିଲେ । ୧୯୨୫ ମସିହା ବିଜୟାଦଶମୀ ତିଥିରେ ଡ. ହେଡ଼ଗେୱାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠା କରିଥିଲେ । ବହୁ ସାମାଜିକ-ରାଜନୈତିକ-ସାଂସ୍କୃତିକ ସଙ୍ଗଠନର କାର୍ଯ୍ୟକର୍ତ୍ତା ହୋଇ ଅନୁଭବ କଲେ ଯେ ବ୍ୟକ୍ତି ରାଷ୍ଟ୍ରର ପ୍ରଥମ ଘଟକ । ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ମନରେ ରାଷ୍ଟ୍ରପ୍ରେମର ପବିତ୍ର ଭାବନା ଉଦ୍ରେକ ନ ହେବ, ସେ ପର୍ଯ୍ୟନ୍ତ ବିଶୁଦ୍ଧ ରାଷ୍ଟ୍ରୀୟତାର କଳ୍ପନା କରିହେବ ନାହିଁ । ବ୍ୟକ୍ତି ଚରିତ୍ରବାନ ଓ ସଂସ୍କାରଯୁକ୍ତ ହେଲେ ରାଷ୍ଟ୍ର ସୁଦୃଢ଼ ହେବ । ସାଂସ୍କୃତିକ ରାଷ୍ଟ୍ରବାଦର ବହୁ ଚିନ୍ତକ, ମହାନ ଭାରତୀୟ ଚିନ୍ତନ ପରମ୍ପରା ଓ ଜ୍ଞାନର ଭଣ୍ଡାର ମହଜୁଦ ଥିଲେ ମଧ ବ୍ୟକ୍ତି ମନରେ ସଂକୀର୍ଣ୍ଣତା ଓ ସ୍ୱାର୍ଥପରତା ସର୍ବଦା ରହୁଥିଲା । ଡ. ହେଡ଼ଗେୱାଙ୍କର ବ୍ୟକ୍ତିର ମନରେ ରାଷ୍ଟ୍ରୀୟତାର ଭାବନାର ଅଭାବ ପରିଲକ୍ଷିତ କରିଥିଲେ । ଏଣୁ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ରାଷ୍ଟ୍ରୀୟତାର ଭାବନା ଉଦ୍ରେକ କରିବା ସହିତ ରାଷ୍ଟ୍ରୀୟତାର ସଂସ୍କାର ଦେବା ପାଇଁ ସଂଘର ଶାଖା ଆରମ୍ଭ କରିଥିଲେ । କ୍ରମଶଃ ସଂଘର ଶାଖା ନାଗପୁରରୁ ମହାରାଷ୍ଟ୍ର ବ୍ୟାପି ଓ ଦେଶବ୍ୟାପି ହେଲା । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଲକ୍ଷ୍ୟ ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି ଥିବା ସମୟରେ ତାତ୍କାଳିକ ଲକ୍ଷ୍ୟ ରାଷ୍ଟ୍ରର ସ୍ୱାଧୀନତା ଥିଲା । ଏଣୁ ଡ. ହେଡ଼ଗେୱାର ସ୍ୱୟଂସେବକମାନଙ୍କୁ କଂଗ୍ରେସ ଦ୍ୱାରା ଆୟୋଜିତ ସମସ୍ତ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ନିଜେ ମଧ ୧୯୩୦ ମସିହାରେ ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସରସଂଘଚାଳକ ପଦଭାର ଡ. ପରାଞ୍ଜପେଙ୍କୁ ଅର୍ପଣ କରି ସେ ଜଙ୍ଗଲ ସତ୍ୟାଗ୍ରହ କରିଥିଲେ । ୧୯୩୦ ଜୁଲାଇ ୨୧ ତାରିଖରେ ତାଙ୍କୁ ଗିରଫ କରାଯାଇ ଆପରାଧିକ ଦଣ୍ଡ ସଂହିତା ୧୧୭ ଧାରା ଅନ୍ତର୍ଗତ ୬ମାସ ଓ ୩୭୯ ଧାରା ଅନ୍ତର୍ଗତ ତିନିମାସ ଏହିପରି ମୋଟ ୯ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ସଂଘର ମୁଖ୍ୟ ଜେଲରେ ଥିବା ସମୟରେ ସ୍ୱୟଂସେବକମାନେ ଇଂରେଜ ବିରୁଦ୍ଧରେ ଜନଜାଗରଣ ତୀବ୍ରଗତିରେ ଜାରି ରଖିଥିଲେ । ବହୁ ସ୍ୱୟଂସେବକ ମଧ ଗିରଫ ହୋଇଥିଲେ । ଡ. ହେଡ଼ଗେୱାର ନିଜର ଓ ସଙ୍ଗଠନର ସାମୂହିକ ବ୍ୟବହାରରେ ପ୍ରମାଣିତ କରିଥିଲେ ଯେ ଦେଶଭକ୍ତି, ରାଜନୈତିକ ଚେତନାରୁ ଅଧିକ ସାଂସ୍କୃତିକ ଚେତନାରେ ପ୍ରଭାବିତ ହୋଇଥାଏ । ଏଣୁ ସଂଘ ରୂପକ ଗୋଟିଏ ଅଣରାଜୈନତିକ ସଙ୍ଗଠନ ସ୍ୱାଧୀନତା ଆନ୍ଦୋଳନରେ ଯେଉଁପରି ସମର୍ପଣ ଭାବନା ପ୍ରଦର୍ଶନ କରିଥିଲା ତାହା ଡ.ହେଡ଼ଗେୱାରଙ୍କ କାର୍ଯ୍ୟଦକ୍ଷତାର ସାର୍ଥକତା ଥିଲା ।

ଆଡ଼ଭୋକେଟ,ଖଟବିନସାହି, କଟକ,
ମୋ-୯୪୩୭୦୧୬୩୮୪

# ପରୀକ୍ଷା ପେ ଚର୍ଚ୍ଚା ୨୦୨୨ରେ ଛାତ୍ରଛାତ୍ରୀ.... (ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ)

ସେହି ସମୟ ତୁଳନାରେ ପରିସ୍ଥିତି ଏବେ ଅନେକ ବଦଳି ଯାଇଛି । ଝିଅମାନଙ୍କ ପାଇଁ ଉଚିତ୍ ଶିକ୍ଷା ସୁନିଶ୍ଚିତ କରିବା ବିନା କୌଣସି ସମାଜ ଉନ୍ନତି କରିପାରିବ ନାହିଁ ବୋଲି ସେ ଜୋର ଦେଇ କହିଥିଲେ । ସେ କହିଥିଲେ ଯେ, ଝିଅମାନଙ୍କ ପାଇଁ ଉପଯୁକ୍ତ ସୁଯୋଗ ଏବଂ ସେମାନଙ୍କ ସଶକ୍ତିକରଣକୁ ଏକ ସଂସ୍ଥାଗତ ରୂପ ଦେବାର ଆବଶ୍ୟକତା ରହିଛି । ଝିଅମାନଙ୍କୁ ଏବେ ଅଧିକ ମୂଲ୍ୟବାନ ସମ୍ପତ୍ତି ଭାବେ ବିବେଚନା କରାଯାଉଛି ଏବଂ ଏପରି ପରିବର୍ତ୍ତନ ସ୍ୱାଗତଯୋଗ୍ୟ । ସେ କହିଥିଲେ ଯେ ଆଜାଦୀ କା ଅମୃତ ମହୋତ୍ସବ ବର୍ଷରେ, ସ୍ୱାଧୀନ ଭାରତ ଇତିହାସରେ ପ୍ରଥମ ଥର ପାଇଁ ଭାରତରେ ସର୍ବାଧିକ ମହିଳା ସାଂସଦ ନିର୍ବାଚିତ ହୋଇଛନ୍ତି । 'ଝିଅମାନେ ପରିବାରର ସାମର୍ଥ୍ୟ । ଜୀବନର ବିଭିନ୍ନ କ୍ଷେତ୍ରରେ ଆମର ନାରୀ ଶକ୍ତି ଉଲ୍ଲେଖନୀୟ ସଫଳତା ହାସଲ କରିବା ଠାରୁ ଭଲ କଥା ଆଉ କ'ଣ ହୋଇପାରେ' ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଥିଲେ । ଦିଲ୍ଲୀର ପବିତ୍ରା ରାଓ ପଚାରିଥିଲେ, ପରିବେଶ ସୁରକ୍ଷା ଦିଗରେ ନୂଆ ପିଢ଼ି କିଭଳି ଯୋଗଦାନ ଦେଇପାରିବେ? ନିଜର ଶ୍ରେଣୀଗୃହ ଏବଂ ପରିବେଶକୁ କିପରି ସ୍ୱଚ୍ଛ ଏବଂ ସବୁଜ ରଖି ହେବ ସେ ସମ୍ପର୍କରେ ଚୈତନ୍ୟ ପ୍ରଶ୍ନ କରିଥିଲେ । ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଦେଶକୁ ସ୍ୱଚ୍ଛ ଓ ସବୁଜ ରଖିବାର ଶ୍ରେୟ ସେମାନଙ୍କୁ ଦେଇଥିଲେ । ପିଲାମାନେ ନିରାଶାବାଦୀମାନଙ୍କୁ ଅଣଦେଖା କରିବା ସହିତ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ସଂକଳ୍ପକୁ ବାସ୍ତବରେ ବୁଝିପାରିଛନ୍ତି । ସେ କହିଥିଲେ ଯେ ଆଜି ଆମେ ଯେଉଁ ପରିବେଶରେ ରହୁଛୁ ତାହା ଆମ ପୂର୍ବଜମାନଙ୍କର ଯୋଗଦାନ । ଅନୁରୂପ ଭାବେ ଆମେ ଆମ ଭବିଷ୍ୟତ ପିଢ଼ି ପାଇଁ ଏକ ଉନ୍ନତ ପରିବେଶ ଛାଡି ଯିବା ଉଚିତ୍ । କେବଳ ନାଗରିକମାନଙ୍କ ଯୋଗଦାନ କାରଣରୁ ଏହା ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ ଅମୃତ କାଳର ମହତ୍ୱ ଉପରେ ଆଲୋକପାତ କରିଥିଲେ, ଯାହାକି ଦେଶର ବିକାଶରେ ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଷ୍ଠ ବର୍ଷଗୁଡିକ ସହିତ ଆସିଛି । ବ୍ୟକ୍ତିଗତ କର୍ତ୍ତବ୍ୟ ସମ୍ପାଦନର ଆବଶ୍ୟକତା ଉପରେ ମଧ ସେ ଜୋର ଦେଇଥିଲେ । ଛାତ୍ରଛାତ୍ରୀମାନେ ଟିକା ନେଇ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ଶେଷରେ ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରଣ କରିଥିଲେ ଏବଂ ସେମାନଙ୍କୁ ସେମାନଙ୍କର ଦକ୍ଷତା ଓ ଆତ୍ମବିଶ୍ୱାସ ପାଇଁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କର ଭଲ ଗୁଣକୁ ସ୍ୱୀକାର କରିବା ଏବଂ ସେଥିରୁ ଶିକ୍ଷା ଲାଭ କରିବାର ସାମର୍ଥ୍ୟ ବିକଶିତ କରିବାର ଆବଶ୍ୟକତା ରହିଛି ବୋଲି ସେ ଜୋର ଦେଇ କହିଥିଲେ । ଅନ୍ୟମାନଙ୍କୁ ଈର୍ଷା କରିବା ପରିବର୍ତ୍ତେ ସେମାନଙ୍କ ଠାରୁ ଶିଖିବାର ମାନସିକତା ବିକଶିତ କରିବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଜୀବନରେ ସଫଳତା ପାଇଁ ଏହି ସାମର୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ ।

ସର୍ବଶେଷରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଦ୍ୱାରା ସେ ବ୍ୟକ୍ତିଗତ ଭାବେ ପ୍ରଭାବିତ ହୋଇଛନ୍ତି । ଛୋଟ ଛୋଟ ପିଲାମାନଙ୍କ ସହିତ ଆଲୋଚ଼ନା କରିବା ବେଳେ ତାଙ୍କ ବୟସ ୫୦ ବର୍ଷ କମିଯାଇଥିବା ସେ ଅନୁଭବ କରିଥାନ୍ତି । ଆପଣମାନଙ୍କ ପିଢ଼ି ସହ ଯୋଡି ହୋଇ ମୁଁ ଆପଣମାନଙ୍କ ଠାରୁ ଶିଖିବା ପାଇଁ ଚେଷ୍ଟା କରିଥାଏ । 'ଆପଣମାନଙ୍କ ସହିତ ମୁଁ ଯୋଡି ହୋଇଥିବାରୁ ଆପଣମାନଙ୍କ ଆକାଂକ୍ଷା ଓ ସ୍ୱପ୍ନର ଝଲକ ମୁଁ ପାଇପାରୁଛି ଏବଂ ତଦନୁଯାୟୀ ମୋ ଜୀବନକୁ ବଦଳାଇବାକୁ ଚେଷ୍ଟା କରୁଛି । ତେଣୁ, ଏହି କାର୍ଯ୍ୟକ୍ରମ ମୋ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେଉଛି । ମୋତେ ସମୟ ଦେବା ଏବଂ ମୋ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥିବାରୁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି', ସ୍ପଷ୍ଟ ଭାବେ ଉତ୍ସାହିତ ଦେଖାଯାଉଥିବା ପ୍ରଧାନମନ୍ତ୍ରୀ ଶେଷରେ କହିଥିଲେ ।

**ରକ୍ତ ଦାନ, ମହତ ଦାନ....**
**ରକ୍ତ ଦାନ କରନ୍ତୁ, ଅନ୍ୟର ଜୀବନ ବଂଚାଇବାରେ ସହାୟକ ହୁଅନ୍ତୁ ।**

# କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



ବଲାଙ୍ଗିର, (ନିପ୍ର) : ଉତ୍କଳ ଦିବସ ପାଳନକୁ ବିରୋଧ କରି ୧ ତାରିଖ ଦିନ ସଂଧ୍ୟାରେ ସ୍ଥାନୀୟ କଚେରୀ ଛକରେ କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଓଡ଼ିଶା ସରକାରଙ୍କ କୋଶଳୀ ବିରୋଧୀ ନୀତିକୁ କଡ଼ା ସମାଲୋଚନା କରି ବିକ୍ଷୋଭ ପ୍ରଦର୍ଶନ ସମୟରେ କୋଶଳୀ ସପକ୍ଷବାଦୀ କୋସଲ ରାଜ୍ୟ ସମନ୍ୱୟ ସମିତ ସଭ୍ୟସଭ୍ୟାମାନେ ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ଓଡ଼ିଶା ସରକାରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିବା ବେଳେ ଉତ୍କଳ ଜନନୀ ସଂଗୀତର ସିଡ଼ି ଭଂଗା ଯାଇ ଓଡ଼ିଶା ମାନଚିତ୍ରକୁ ଚିରି କୋଶଳାଂଚଳକୁ ଅଲଗା କରାଯାଇଥିଲା । କୋସଲ ରାଜ୍ୟ ସମନ୍ୱୟ ସମିତର ମହାସଚିବ ପ୍ରମୋଦ ମିଶ୍ରଙ୍କ ସମେତ ବିକ୍ରମ ବହିଦାର, ବିଭୂଦତ୍ତ ମିଶ୍ର, ମନୋରଂଜନ ସାହୁ, ଗୋପାଳଜୀ ପାଣିଗ୍ରାହୀ, ସ୍ୱାଧୀନ ମିଶ୍ର, ନିରୁପମା ଉଦ୍‌ଗାତା, କପିଳେଶ୍ୱର ଖମାରୀ, ବିଭୂତି ବିଶ୍ୱାଣୀ, ଡୋଳାମଣି ପ୍ରଧାନ, ରିଲୁ ରଥ ବିନୋଦ କାଲସାଏ, ଥବିର କର୍ମୀ, ଅଜିତ କରନ, କିଶୋର ପୁରୋହିତ, ଅବିନାଶ ଦାଶ, ଅମରିଶ ରାଉତ, ପ୍ରସନ୍ନ ନେଗୀ, ପ୍ରଭାସ ମିଶ୍ର, ଶରତ ଚନ୍ଦ୍ର ହୋତା ପ୍ରମୁଖ ବହୁ କୋଶଳବାଦୀ ନେତା ଏଥିରେ ଯୋଗଦାନ କରିଥିଲେ ।

# ବରଗଡ଼ ଜିଲ୍ଲା ଉପ-ନିବନ୍ଧକ ଭାବେ ଯୋଗଦେଲେ ପଦ୍ମନାଭ ପୁରୋହିତ



ବରଗଡ଼, (ନିପ୍ର) : ବରଗଡ଼ ଜିଲ୍ଲା ଉପ-ନିବନ୍ଧକ ଭାବେ ଯୋଗ ଦେଇଛନ୍ତି ପଦ୍ମନାଭ ପୁରୋହିତ । ଏହା ପୂର୍ବରୁ ବଲାଙ୍ଗିର ଜିଲ୍ଲା ଉପ-ନିବନ୍ଧକ ଭାବେ ସେ ରହିଥିବା ବେଳେ ଏବେ ବରଗଡ଼ ଜିଲ୍ଲାକୁ ତାଙ୍କ ବଦଳି ହୋଇଯାଇଛି । ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରାଯାଇଛି ।

# ବଲାଙ୍ଗିର ଜିଲ୍ଲା ଓକିଲ ସଂଘର ସଭାପତି ହେଲେ ଅମ୍ବରୀଶ ତ୍ରିପାଠୀ, ସଂପାଦକ ଅଧିକାରୀ ଦନ୍ତା

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ଓକିଲ ସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ଆଡ଼ଭୋକେଟ୍ ଅମ୍ବରୀଶ ତ୍ରିପାଠୀ । ସ୍ଥାନୀୟ ସିଭିଲ୍ କୋର୍ଟ ବାର୍ ହଲ୍ ପରିସରରେ ଗତକାଲି ଅନୁଷ୍ଠିତ ନିର୍ବାଚନରେ ଆଇନଜୀବୀ ଶ୍ରୀ ତ୍ରିପାଠୀ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଆଇନଜୀବୀ ଅଧିକାରୀ ଦନ୍ତା ସଂପାଦକ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ସରୋଜ ଗୁପ୍ତା, କୋଷାଧ୍ୟକ୍ଷ ଭାବେ ରୁଦ୍ର ଥନାପତି, ଯୁଗ୍ମ ସଂପାଦକ ଭାବେ ସୁମିତ ଖୁଆସ ନିର୍ବାଚିତ ହୋଇଥିବା ବେଳେ ଅଡିଟର୍ ଭାବେ ସଂଦୀପ ମିଶ୍ର ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ କମିଟି ପାଇଁ ନିର୍ବାଚିତ ହୋଇଛନ୍ତି ରହିଛନ୍ତି ବରିଷ୍ଠ ଆଇନଜୀବୀ ଜୟରାମ ମିଶ୍ର, ବିରେନ ମିଶ୍ର, ଶଙ୍କର ମିଶ୍ର, ରବି ବହିଦାର, ଦିନେଶ ନାଗ, ସମୀର ମିଶ୍ର, ଚନ୍ଦ୍ରଶେଖର ମିଶ୍ର, ଶ୍ରୀନିବାସ ରାଓ । ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଆଇନଜୀବୀ ଅରବିନ୍ଦାକ୍ଷ ପୂଜାରୀ ।

# ବଲାଙ୍ଗିର ଜିଲ୍ଲା ଟ୍ୟାକ୍ସ ବାର୍ ଏସୋସିଏସନ୍ ସଭାପତି ଭାବେ ନିର୍ବାଚିତ ହେଲେ ଚିତ୍ତରଂଜନ ଦାଶ, ସଂପାଦକ ହେଲେ ନାରାୟଣ ଦାଶ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ଟ୍ୟାକ୍ସ ବାର୍ ଏସୋସିଏସନ୍ ସଭାପତି ଭାବେ ଚିତ୍ତରଂଜନ ଦାଶ ଓ ସଂପାଦକ ଭାବେ ନାରାୟଣ ଦାଶ ନିର୍ବାଚିତ ହୋଇଛନ୍ତି । ସେହିପରି ଉପ-ସଭାପତି ଭାବେ ମହେନ୍ଦ୍ର କୁମାର ଅଗ୍ରୱାଲ, ସହକାରୀ ସଂପାଦକ ଭାବେ ଶାସଙ୍କର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଭାବେ ପ୍ରକାଶ ଚନ୍ଦ୍ର ମହାପାତ୍ର ନିର୍ବାଚିତ ହୋଇଥିବା ସୂଚନା ମିଳିଛି । କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି ବିଶ୍ୱଜିତ ନାୟକ, ଗଣେଶ ପ୍ରସାଦ ଦୀକ୍ଷିତ, ଅଶୋକ କୁମାର ଦାସ, ଶାନ୍ତନୁ କୁମାର ଭୋଇ, ପ୍ରଭଂଜନ ହୋତା ଓ ନିଖିଲ ବହିଦାର । ନିର୍ବାଚନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ଟ୍ୟାକ୍ସ ଆଡ଼ଭୋକେଟ୍ ମାନସ ରଂଜନ ବହିଦାର ।

# ଛତ୍ରପୁର ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ଉତ୍କଳ ଦିବସ ସାମାରୋହ



ଛତ୍ରପୁର, (ନିପ୍ର) : ଛତ୍ରପୁର ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ଉତ୍କଳ ଦିବସ ସାମାରୋହ ପାଳିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ସ୍କୁଲ ପିଲାମାନଙ୍କୁ ନେଇ ପ୍ରଭାତଫେରି ଏବଂ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନେଇ ରଙ୍ଗୋଲି ଚିତା ଝୋଟି ଆଦି ଆସର ଅନୁଷ୍ଠିତ ହୋଇଥିଲା । ପୌର-ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ସମାଜସେବୀ କେ.ଚନ୍ଦ୍ରଶେଖର ରେଡ୍ଡୀ, ନିର୍ବାହୀ ଅଧିକାରୀ ଏନ୍. ଗଣେଶ ବାବୁ ପ୍ରମୁଖଙ୍କ ସହ ନବ ନିର୍ବାଚିତ କାଉନ୍ସିଲର ଗଣ ଯୋଗଦେଇଥିଲେ । ସହରରେ ସ୍ଥାପିତ ହୋଇଥିବା ଉତ୍କଳର ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ ଏବଂ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରଯାଇଥିଲା ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍.... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ସାଥୀ ହେଉଛନ୍ତି ରୋହନ କାଲେ । ରୋହନ ପେସାରେ ଜଣେ ଏଚ୍‌ଆର୍ ପ୍ରଫେସନାଲ୍ । ସେ ମହାରାଷ୍ଟ୍ରର ଶହ ଶହ ଷ୍ଟେପୱେଲ୍ ଅର୍ଥାତ ପାହାଚ ଥିବା ପୁରୁଣା କୂଅର ସଂରକ୍ଷଣ ପାଇଁ ଅଭିଯାନ ଚଳାଇଛନ୍ତି । ଏଥିମଧ୍ୟରୁ କେତେକ କୂଅ ତ ଶହ ଶହ ବର୍ଷ ପୁରୁଣା ଏବଂ ଆମ ଐତିହ୍ୟର ଅଂଗ । ସିକନ୍ଦରାବାଦର 'ବଂଶୀଲାଲ-ପେଟ୍ କୂଅ' ଏହିପରି ଏକ ପାହାଚ ଥିବା କୂଅ । ବର୍ଷବର୍ଷ ଧରି ଉପେକ୍ଷା କାରଣରୁ ଏହି ପାହାଚ ଥିବା କୂଅ ମାଟି ଓ ଆବର୍ଜନାରେ ପୋତି ହୋଇପଡିଥିଲା । କିନ୍ତୁ ଏବେ ସେଠାରେ ଏହି ପାହାଚଥିବା କୂଅକୁ ପୁନର୍ଜୀବିତ କରିବାର ଅଭିଯାନ ଜନଭାଗୀଦାରିତାରେ ଆରମ୍ଭ ହୋଇଛି ।

ବନ୍ଧୁଗଣ, ମୁଁ ତ ସେହି ରାଜ୍ୟରୁ ଆସିଛି ଯେଉଁଠି ପାଣିର ଅଭାବ ସବୁବେଳେ ରହିଥାଏ । ଗୁଜରାଟରେ ଏହି ଷ୍ଟେପୱେଲସ୍ ବା ପାହାଚଥିବା କୂଅକୁ ୱାଓ କହନ୍ତି । ଗୁଜରାତ ଭଳି ରାଜ୍ୟରେ ୱାଓର ବଡ ଭୂମିକା ରହିଆସିଛି । ଏହି କୂଅ ବା ୱାଓଗୁଡିକର ସଂରକ୍ଷଣ ପାଇଁ 'ଜଳ ମନ୍ଦିର ଯୋଜନା' ବହୁତ ବଡ ଭୂମିକା ତୁଲାଇଛି । ସମଗ୍ର ଗୁଜରାତରେ ଅନେକ ୱାଓକୁ ପୁନର୍ଜୀବିତ କରାଯାଇଛି । ଏହାଦ୍ୱାରା ଏହି ଅଂଚଳରେ ଜଳସ୍ତରକୁ ବଢ଼ାଇବାରେ ମଧ୍ୟ ବହୁତ ସହାୟତା ମିଳିଛି । ଏପରି ଅଭିଯାନକୁ ଆପଣ ମଧ୍ୟ ସ୍ଥାନୀୟ ସ୍ତରରେ ଚଳାଇପାରିବେ । ଚେକ୍‌ଡ୍ୟାମ୍ ନିର୍ମାଣ ହେଉ, ରେନ୍ ୱାଟର ହାର୍ଭେଷ୍ଟିଂ ହେଉ, ଏସବୁଥିରେ ବ୍ୟକ୍ତିଗତ ପ୍ରୟାସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଏବଂ ସାମୂହିକ ପ୍ରଚେଷ୍ଟା ମଧ୍ୟ ଜରୁରୀ । ଯେପରିକି ସ୍ୱାଧୀନତାର ଅମୃତ ମହୋତ୍ସବରେ ଆମ ଦେଶର ପ୍ରତି ଜିଲାରେ ଅନ୍ତତଃ ୭୫ଟି ସରୋବର ତିଆରି କରାଯାଇପାରିବ । କେତେକ ପୁରୁଣା ସରୋବରକୁ ପୁନର୍ଜୀବିତ କରାଯାଇପାରିବ, କେତେକ ନୂଆ ସରୋବର ତିଆରି କରାଯାଇପାରିବ । ମୋର ବିଶ୍ୱାସ ଯେ ଆପଣମାନେ ଏ ଦିଗରେ ନିଶ୍ଚୟ କିଛି ନା କିଛି ପ୍ରୟାସ କରିବେ ।

ମୋର ପ୍ରିୟ ଦେଶବାସୀଗଣ, 'ମନ୍ କୀ ବାତ୍'ର ଆଉ ଏକ ସୁନ୍ଦର କଥା ହେଉଛି ବହୁତ ଭାଷାରେ ଏବଂ ଉପଭାଷାରେ ମୋ ପାଖକୁ ବାର୍ତ୍ତାମାନ ଆସିଥାଏ । କେତେକ ଲୋକ ମାଇଁଗଭରେ ଅଡିଓ ମେସେଜ୍ ମଧ୍ୟ ପଠାନ୍ତି । ଭାରତର ସଂସ୍କୃତି, ଆମର ଭାଷା, ଆମର ଉପଭାଷା, ଆମର ଚାଲିଚଳଣ, ଖାଦ୍ୟପେୟର ବିସ୍ତାର, ଏସବୁ ବିବିଧତା ଆମର ବହୁତ ବଡ ଶକ୍ତି । ପୂର୍ବରୁ ପଶ୍ଚିମ ଯାଏ, ଉତ୍ତରରୁ ଦକ୍ଷିଣ ଯାଏ ଏହି ବିବିଧତା ଭାରତକୁ ଏକାଠି କରି ରଖେ, ଏକ୍ ଭାରତ – ଶ୍ରେଷ୍ଠ ଭାରତରେ ପରିଣତ କରେ । ଏଥିରେ ମଧ୍ୟ ଆମର ଐତିହାସିକ ସ୍ଥଳ ଓ ପୌରାଣିକ କାହାଣୀ, ଉଭୟର ବହୁତ ଯୋଗଦାନ ରହିଛି । ଆପଣ ଭାବୁଥିବେ ଯେ ଏକଥା ମୁଁ ଆପଣଙ୍କୁ ଏବେ କାହିଁକି କହୁଛି । ଏହାର କାରଣ ହେଉଛି "ମାଧବପୁର ମେଳା" । ମାଧବପୁର ମେଳା କେଉଁଠି ହୁଏ, କାହିଁକି ହୁଏ, କିପରି ଏହା ଭାରତର ବିବିଧତା ସହିତ ସଂପୃକ୍ତ, ଏସବୁ ଜାଣିବା 'ମନ୍ କୀ ବାତ୍'ର ଶେ ତାଙ୍କୁ ବେଶ୍ ମଜାଦାର ଲାଗିବ ।

ବନ୍ଧୁଗଣ, ଗୁଜରାତର ପୋରବନ୍ଦରରେ ସମୁଦ୍ର ନିକଟସ୍ଥ ମାଧବପୁର ଗାଁରେ 'ମାଧବପୁର ମେଳା' ଅନୁଷ୍ଠିତ ହୁଏ । କିନ୍ତୁ ଏଥିସହ ଭାରତର ପୂର୍ବଦିଗ ସହିତ ମଧ୍ୟ ସମ୍ପର୍କ ଯୋଡି ହୋଇଛି । ଆପଣ ଭାବୁଥିବେ ଯେ ଏହା କିପରି ସମ୍ଭବ ? ଏହାର ଉତ୍ତର ଏକ ପୌରାଣିକ କାହାଣୀରେ ମିଳିଥାଏ । କୁହାଯାଏ ଯେ ହଜାର ହଜାର ବର୍ଷ ପୂର୍ବେ ଭଗବାନ ଶ୍ରୀକୃଷ୍ଣଙ୍କ ବିବାହ ଉତ୍ତର ପୂର୍ବର ରାଜକୁମାରୀ ରୁକ୍ମିଣୀଙ୍କ ସାଂଗେ ହୋଇଥିଲା । ଏହି ବିବାହ ପୋରବନ୍ଦରର ମାଧବପୁରରେ ସଂପନ୍ନ ହୋଇଥିଲା ଏବଂ ସେହି ବିବାହର ପ୍ରତୀକ ରୂପେ ଆଜି ମଧ୍ୟ ସେଠାରେ ମାଧବପୁର ମେଳା ହୁଏ । ପୂର୍ବ ଓ ପଶ୍ଚିମର ଏହି ଗଭୀର ସମ୍ପର୍କ ଆମର ଐତିହ୍ୟ । ସମୟର ପ୍ରବାହରେ ଏବେ ଲୋକଙ୍କ ପ୍ରୟାସରେ ମାଧବପୁର ମେଳାରେ ନୂଆ ନୂଆ କଥା ମଧ୍ୟ ଯୋଡି ହେଉଛି । ଆମର ଏଠି କନ୍ୟାପକ୍ଷଙ୍କୁ ଘରାତି କହନ୍ତି ଓ ଏହି ମେଳାରେ ଏବେ ଉତ୍ତର ପୂର୍ବରୁ ବହୁତ ଘରାତି ମଧ୍ୟ ଆସୁଛନ୍ତି । ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଚାଲୁଥିବା ମାଧବପୁର ମେଳାରେ ଉତ୍ତର ପୂର୍ବର ସବୁ ରାଜ୍ୟର କଳାକାର ଆସନ୍ତି, ହସ୍ତକଳା ସହିତ ସଂପୃକ୍ତ କଳାକାର ଆସନ୍ତି ଏବଂ ଏହି ମେଳାର ସୌନ୍ଦର୍ଯ୍ୟ ଆହୁରି ବଢ଼ିଯାଏ । ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଭାରତର ପୂର୍ବ ଓ ପଶ୍ଚିମ ସଂସ୍କୃତିର ଏହି ସଂଯୋଗ, ଏହି ମାଧବପୁର ମେଳା, ଏକ ଭାରତ-ଶ୍ରେଷ୍ଠ ଭାରତର ବହୁତ ସୁନ୍ଦର ଉଦାହରଣ ହୋଇପାରିଛି । ମୁଁ ଆପଣମାନଙ୍କୁ କହିବାକୁ ଚାହୁଁଛି ଯେ ଆପଣ ମଧ୍ୟ ଏହି ମେଳା ବିଷୟରେ ପଢ଼ନ୍ତୁ ଏବଂ ଜାଣନ୍ତୁ ।

ମୋର ପ୍ରିୟ ଦେଶବାସୀଗଣ, ଦେଶରେ ସ୍ୱାଧୀନତାର ଅମୃତ ମହୋତ୍ସବ ଏବେ ଜନସହଭାଗୀତାର ଏକ ନୂଆ ଦୃଷ୍ଟାନ୍ତ ପାଲଟିଛି । କିଛିଦିନ ତଳେ ୨୩ ମାର୍ଚ୍ଚରେ ସହିଦ ଦିବସ ଅବସରରେ ଦେଶର କୋଣ ଅନୁକୋଣରେ ଅନେକ ସମାରୋହ ଆୟୋଜିତ ହୋଇଥିଲା । ଦେଶ ନିଜର ସ୍ୱାଧୀନତାର ନାୟକ-ନାୟିକାଙ୍କୁ ସ୍ମରଣ କଲା, ଶ୍ରଦ୍ଧାର ସହ ମନେପକାଇଲା । ଏହି ଦିନ ମୋତେ କୋଲକାତାର ଭିକ୍ଟୋରିଆ ମେମୋରିଆଲରେ ବିପ୍ଳବୀ ଭାରତ ଗ୍ୟାଲେରୀ ଲୋକାର୍ପିତ କରିବାକୁ ମଧ୍ୟ ସୁଯୋଗ ମିଳିଥିଲା । ଭାରତର ବୀର ବିପ୍ଳବୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ଏହା ସ୍ୱୟଂ ବହୁତ ବଡ ଅନନ୍ୟ ଗ୍ୟାଲେରୀ । ଯଦି ସୁଯୋଗ ମିଳେ, ତେବେ ଆପଣ ଏହାକୁ ନିଶ୍ଚୟ ଦେଖିବାକୁ ଯାଆନ୍ତୁ । ବନ୍ଧୁଗଣ, ଏପ୍ରିଲ ମାସରେ ଆମେ ଦୁଇ ମହାପୁରୁଷଙ୍କ ଜୟନ୍ତୀ ମଧ୍ୟ ପାଳନ କରିବା । ଏହି ଦୁଇଜଣ ହିଁ ଭାରତୀୟ ସମାଜକୁ ଗଭୀର ଭାବେ ପ୍ରଭାବିତ କରିଛନ୍ତି । ଏହି ମହାପୁରୁଷ ହେଲେ ମହାତ୍ମା ଫୁଲେ ଏବଂ ବାବାସାହେବ ଆମ୍ବେଦକର । ମହାତ୍ମା ଫୁଲେଙ୍କ ଜୟନ୍ତୀ ୧୧ ଏପ୍ରିଲରେ ଏବଂ ବାବାସାହେବଙ୍କ ଜୟନ୍ତୀ ଆମେ ୧୪ ଏପ୍ରିଲରେ ପାଳନ କରିବା । ଏହି ମହାପୁରୁଷ ଦ୍ୱୟ ଭେଦଭାବ ଓ ଅସମାନତା ବିରୋଧରେ ବଡ ଲଢ଼େଇ ଲଢ଼ିଥିଲେ । ମହାତ୍ମା ଫୁଲେ ସେହି ସମୟରେ ଝିଅମାନଙ୍କ ପାଇଁ ବିଦ୍ୟାଳୟ ଖୋଲିଥିଲେ, କନ୍ୟା ଶିଶୁ ହତ୍ୟା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ସେ ଜଳ-ସଙ୍କଟରୁ ମୁକ୍ତି ଦେବା ପାଇଁ ମଧ୍ୟ ବଡ ଅଭିଯାନ ଚଳାଇଥିଲେ ।

ବନ୍ଧୁଗଣ, ମହାତ୍ମା ଫୁଲେଙ୍କ ଏହି ଆଲୋଚନାରେ ସାବିତ୍ରୀବାଇ ଫୁଲେଙ୍କ ଉଲ୍ଲେଖ କରିବା ମଧ୍ୟ ଖୁବ୍ ଜରୁରୀ । ସାବିତ୍ରୀବାଇ ଫୁଲେ ଅନେକ ସାମାଜିକ ସଂସ୍ଥା ପ୍ରତିଷ୍ଠା କରିବାରେ ମୁଖ୍ୟ ଭୂମିକା ତୁଲାଇଥିଲେ । ଜଣେ ଶିକ୍ଷୟିତ୍ରୀ ଏବଂ ସମାଜ ସଂସ୍କାରକ ଭାବେ ସେ ସମାଜକୁ ସଚେତନ ମଧ୍ୟ କରିଥିଲେ ଏବଂ ତା'ର ସାହସ ମଧ୍ୟ ବଢ଼ାଇଥିଲେ । ଉଭୟେ ମିଶି ସତ୍ୟଶୋଧକ ସମାଜ ପ୍ରତିଷ୍ଠା କରିଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ସଶକ୍ତୀକରଣର ପ୍ରୟାସ କରିଥିଲେ । ବାବାସାହେବ ଆମ୍ବେଦକରଙ୍କ କାର୍ଯ୍ୟରେ ମଧ୍ୟ ଆମେ ମହାତ୍ମା ଫୁଲେଙ୍କ ପ୍ରଭାବ ସ୍ପଷ୍ଟ ଦେଖିପାରୁ । ସେ କହୁଥିଲେ ଯେକୌଣସି ସମାଜର ବିକାଶର ଆକଳନ ସେହି ସମାଜର ମହିଳାମାନଙ୍କ ସ୍ଥିତିକୁ ଦେଖି କରାଯାଇପାରିବ । ମହାତ୍ମା ଫୁଲେ, ସାବିତ୍ରୀବାଇ ଫୁଲେ, ବାବାସାହେବ ଆମ୍ବେଦକରଙ୍କ ଜୀବନରୁ ପ୍ରେରଣା ନେଇ ମୁଁ ସମସ୍ତ ପିତାମାତା ଓ ଅଭିଭାବକଙ୍କୁ ଅନୁରୋଧ କରୁଛି ଯେ ସେମାନେ ଝିଅମାନଙ୍କୁ ନିଶ୍ଚିତ ପଢ଼ାନ୍ତୁ । ବିଦ୍ୟାଳୟରେ ଝିଅମାନଙ୍କର ଅଧିକ ସଂଖ୍ୟାରେ ନାମ ଲେଖାଇବା ପାଇଁ କିଛିଦିନ ତଳେ କନ୍ୟା ଶିକ୍ଷା ପ୍ରବେଶ ଉତ୍ସବ ମଧ୍ୟ ଆରମ୍ଭ କରାଯାଇଛି । କୌଣସି କାରଣରୁ ଯେଉଁ ଝିଅମାନଙ୍କର ଅଧାରେ ପାଠପଢ଼ା ଅଟକିଯାଇଛି, ସେମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଆଣିବା ଉପରେ ଗୁରୁତ୍ୱ ଦିଆଯାଉଛି ।

ବନ୍ଧୁଗଣ, ଆମ ସମସ୍ତଙ୍କ ପାଇଁ ସୌଭାଗ୍ୟର କଥା ଯେ ଆମକୁ ବାବାସାହେବଙ୍କ ସହ ସଂପୃକ୍ତ ପଂଚତୀର୍ଥ ପାଇଁ କାର୍ଯ୍ୟ କରିବାର ସୁଯୋଗ ମଧ୍ୟ ମିଳିଛି । ତାଙ୍କ ଜନ୍ମସ୍ଥାନ ମହୁ ହେଉ, ମୁମ୍ବାଇର ଚୈତ୍ୟଭୂମି ହେଉ, ଲଣ୍ଡନରେ ଥିବା ତାଙ୍କ ଘର ହେଉ, ନାଗପୁରର ଦୀକ୍ଷାଭୂମି ହେଉ ବା ଦିଲ୍ଲୀରେ ଅବସ୍ଥିତ ବାବାସାହେବଙ୍କ ମହା-ପରିନିର୍ବାଣ ସ୍ଥଳ, ମୋତେ ସବୁ ସ୍ଥାନରେ, ସବୁ ତୀର୍ଥସ୍ଥାନକୁ ଯିବାର ସୌଭାଗ୍ୟ ମିଳିଛି । ମୁଁ 'ମନ୍ କୀ ବାତ୍'ର ଶ୍ରୋତାଙ୍କୁ କହିବାକୁ ଚାହୁଁଛି ଯେ ସେମାନେ ମହାତ୍ମା ଫୁଲେ, ସାବିତ୍ରୀବାଇ ଫୁଲେ ଏବଂ ବାବାସାହେବ ଆମ୍ବେଦକରଙ୍କ ସହ ସଂପୃକ୍ତ ସ୍ଥାନଗୁଡିକର ଦର୍ଶନ ପାଇଁ ନିଶ୍ଚୟ ଯାଆନ୍ତୁ । ଆପଣଙ୍କୁ ସେଠାରେ ବହୁତ କିଛି ଶିଖିବାକୁ ମିଳିବ ।

ମୋର ପ୍ରିୟ ଦେଶବାସୀଗଣ, 'ମନ୍ କୀ ବାତ୍'ରେ ଏଥର ମଧ୍ୟ ଆମେ ଅନେକ ବିଷୟରେ ଆଲୋଚନା କଲେ । ଆସନ୍ତା ମାସରେ ବହୁତ ପର୍ବପର୍ବାଣୀ ଆସୁଛି । କିଛିଦିନ ଭିତରେ ନବରାତ୍ର ମଧ୍ୟ ଆସିବ । ନବରାତ୍ରରେ ଆମେ ବ୍ରତ-ଉପବାସ, ଶକ୍ତି ସାଧନା କରୁ, ଶକ୍ତିଙ୍କର ପୂଜା କରୁ, ଅର୍ଥାତ ଆମ ପରମ୍ପରା ଆମକୁ ଉଲ୍ଲାସ ଶିଖାଏ ଏବଂ ସଂଯମ ମଧ୍ୟ ଶିଖାଏ । ସଂଯମ ଓ ତପ ମଧ୍ୟ ଆମ ପାଇଁ ଗୋଟିଏ ଗୋଟିଏ ପର୍ବ । ଏଥିପାଇଁ ନବରାତ୍ର ସର୍ବଦା ଆମ ସମସ୍ତଙ୍କ ପାଇଁ ବହୁତ ସ୍ୱତନ୍ତ୍ର ରହିଆସିଛି । ନବରାତ୍ରର ପ୍ରଥମ ଦିନରେ ହିଁ ଗୁଡି ପଡୱା ପର୍ବ ମଧ୍ୟ ଅଛି । ଏପ୍ରିଲରେ ଇଷ୍ଟର ମଧ୍ୟ ଆସେ ଏବଂ ରମଜାନର ପବିତ୍ର ଦିନ ମଧ୍ୟ ଆରମ୍ଭ ହେବ । ଆମେ ସମସ୍ତଙ୍କୁ ନେଇ ନିଜର ପର୍ବ ପାଳନ କରିବା, ଭାରତର ବିବିଧତାକୁ ସଶକ୍ତ କରିବା, ଏହା ସମସ୍ତଙ୍କର ଇଚ୍ଛା । ଏଥର 'ମନ୍ କୀ ବାତ୍'ରେ କେବଳ ଏତିକି । ଆସନ୍ତା ମାସରେ ନୂଆ ବିଷୟ ସହ ଆପଣଙ୍କ ସହିତ ପୁଣି ଭେଟ




# ଉତ୍କଳ ଦିବସ ଅବସରରେ ରେଡକ୍ରସ ତରଫରୁ ହାଇଜେନିକ କିଟ୍ ବଣ୍ଟନ

ବଲାଙ୍ଗିର, (ନିପ୍ର) : ଭାରତ ରେଡକ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖା ତରଫରୁ ଉତ୍କଳ ଦିବସ ଅବସରରେ ପୁଇଁତଲା ବ୍ଲକ ଅନ୍ତର୍ଗତ ନାରାୟଣ କଲୋନୀ କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ହାଇଜେନିକ୍ କିଟ୍ ବଂଟନ କରାଯାଇଛି । ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ଡ. ଦୈତ୍ୟାରୀ ପୁଜାରୀଙ୍କ ସଂଯୋଜନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତଥା ଜିଲ୍ଲା ରେଡକ୍ରସ ସଂପାଦିକା ରୀନା କୁମାରୀ ନାଏକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଯୁବ ରେଡକ୍ରସ ଜିଲ୍ଲା ସଂପାଦକ ମଦନ ମୋହନ ପଧାନ, ଲୋଇସିଂହା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପିକା ସୁନନ୍ଦାରାଣୀ ମହାପାତ୍ର, ଅଙ୍କରିଆପଦର ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ କାଉନସିଲର ରଶ୍ମିରାଣୀ ଦାଶ ଯୋଗ ଦେଇଥିଲେ । ଅନ୍ତେବାସୀଙ୍କୁ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀମତୀ ନାଏକ ବ୍ୟକ୍ତିଗତ ସ୍ୱଚ୍ଛତା ଉପରେ ଗୁରୁତ୍ୱ ସହ କରୋନା ଭୂତାଣୁକୁ ପ୍ରତିହତ କରିବା ପାଇଁ ମାସ୍କ ଓ ସେନିଟାଇଜର ବ୍ୟବହାର କରିବା ପାଇଁ ବୁଝାଇଥିଲେ । ଏହି ଅବସରରେ ଅନ୍ତେବାସୀ ମାନଙ୍କୁ ମାସ୍କ ଓ ସେନିଟାଇଜର କିଟ୍ ବଂଟନ କରାଯାଇଥିଲା । ବନ୍ଦେ ଉତ୍କଳ ଜନନୀ ସଂଗୀତ ଅନ୍ତେବାସୀମାନଙ୍କ ସହିତ ଗାନ କରାଯାଇ ଉତ୍କଳ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ରେଡକ୍ରସ କର୍ମୀମାନେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀନିବାସ ତ୍ରିପାଠୀ, ଇଶାନେଶ୍ୱର ମିଶ୍ର ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ରେଡକ୍ରସ କର୍ମୀ ରାମ ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନନ୍ଦ ଚଂନ୍ଦ୍ର ସାହୁ
Editor : Ananda Chandra Sahu